

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୫ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 AUGUST 2020

Vol.No. 30 ■ No. 214■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts

From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର

୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢ଼ିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


## ହରିଆଣାର ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର କରୋନାରେ ଆକ୍ରାନ୍ତ



ଚଣ୍ଡିଗଡ ,୨୪।୮ (ନି.ପ୍ର): ହରିଆଣାର ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର କରୋନାରେ ଆକ୍ରାନ୍ତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସେ କରୋନା ପରୀକ୍ଷା କରିଥିବା ବେଳେ ତାଙ୍କର ରିପୋର୍ଟ ପଜିଟିଭ ଆସିଛି । ତାଙ୍କ ସହ ସମ୍ପର୍କରେ ଆସିଥିବା ଲୋକ ମାନଙ୍କୁ ସେ କରୋନା ପରୀକ୍ଷା କରାଇବା ସହ କଡା କ୍ୱାରେଂଟାଇନ ବ୍ୟବସ୍ଥାରେ ରହିବାକୁ ଅପିଲ କରିଛନ୍ତି ।

# ବଙ୍ଗୋପସାଗରରେ ଲଘୁଚାପ : ୨୮ ଯାଏଁ ପ୍ରବଳ ବର୍ଷିବ



ଭୁବନେଶ୍ୱର,୨୪।୮ (ନି.ପ୍ର): ବାଂଲାଦେଶ ଏବଂ ନିକଟବର୍ତ୍ତୀ ଅଂଚଳରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ସୋମବାର ଉତର ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଆଗାମୀ ୪୮ ଘଂଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇପାରେ । ଏହାର ପ୍ରଭାବରେ ଆସନ୍ତା ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ଏକ ସତର୍କ ସୂଚନାରେ କୁହାଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଜଗତସିଂହପୁର, କଟକ,ଢେଙ୍କାନାଳ, ପୁରୀ, ସୁନ୍ଦରଗଡ, ଏବଂ ଦେବଗଡ଼ ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୬ ତାରିଖ ସନ୍ଧ୍ୟା ସୁଦ୍ଧା ଓଡିଶାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଢ଼େଙ୍କାନାଳ, ଅନୁଗୁଳ, ଏବଂ ଦେବଗଡ଼ ଜିଲ୍ଲାର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏହି ସମସ୍ତ ଜିଲ୍ଲା ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏଥିସହ ପୁରୀ, ଖୋର୍ଦ୍ଧା, ସୁନ୍ଦରଗଡ, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର ଏବଂ କନ୍ଧମାଳ ଜିଲ୍ଲା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଏବଂ ଝାରସୁଗୁଡା, ବରଗଡ, କାଳାହାଣ୍ଡି, ନୟାଗଡ଼, ଗଞ୍ଜାମ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, ଏବଂ କୋରାପୁଟ ଜିଲ୍ଲା ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଅପରପକ୍ଷରେ ୨୭ ତାରିଖ ସନ୍ଧ୍ୟା ସୁଦ୍ଧା ସମ୍ବଲପୁର, ସୋନପୁର, ବରଗଡ, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନୂଆପଡା, ଏବଂ ଦେବଗଡ଼ ଜିଲ୍ଲା ପାଇଁ ରେଡ୍ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଝାରସୁଗୁଡା, ସୁନ୍ଦରଗଡ, ନବରଙ୍ଗପୁର, କନ୍ଧମାଳ, ଅନୁଗୁଳ, ଏବଂ କେନ୍ଦୁଝର ଜିଲ୍ଲା ପାଇଁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଢେଙ୍କାନାଳ, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ଏବଂ ଯାଜପୁର ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୮ ତାରିଖ ସନ୍ଧ୍ୟା ସୁଦ୍ଧା ରାଜ୍ୟର ବରଗଡ, ନୂଆପଡା, ବଲାଙ୍ଗୀର, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥଇବାରୁ ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା କାରଣରୁ କିଛି ଅଂଚଳରେ ବନ୍ୟା ଆଶଙ୍କା ରହିଥିବା ବେଳେ ତଳିଆ ଅଂଚଳରେ ପାଣି ପଶିଯିବା ଏବଂ ଫ୍ଲାସ୍ ବନ୍ୟା ସୃଷ୍ଟି ହୋଇପାରେ । ଅନେକ ସ୍ଥାନରେ ରାସ୍ତା ଧୋଇଯିବା ସହ କଚା ଘରର କ୍ଷତି ଘଟିବ ଏବଂ ପାହାଡିଆ ଅଂଚଳରେ ଭୂସ୍ଖଳନର ଆଶଙ୍କା ରହିଛି ।

## ବନ୍ଧୁ ଅରୁଣ ଜେଟଲୀଙ୍କୁ ଖୁବ ମନେ ପଡେ: ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୪।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଦିନ ବିଜେପିର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମନେ ପକାଇ କହିଛନ୍ତି ଯେ ତାଙ୍କୁ ବନ୍ଧୁ ଅରୁଣ ଜେଟଲୀଙ୍କୁ ଖୁବ ମନେ ପଡେ ।


▶▶ପୃଷ୍ଠା ୭


## ଦିଲ୍ଲୀରେ ଗତ ୨୪ ଘଂଟାରେ ୧୦୬୧ କରୋନାର ନୂଆ ମାମଲା

ଦିଲ୍ଲୀ, ୨୪ ଅଗଷ୍ଟ (ହି.ସ.) । ଦିଲ୍ଲୀରେ ଗତ ୨୪ ଘଂଟାରେ ୧୦୬୧ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୩ ଜଣଙ୍କର ମୃତ୍ୟୁ ଘଟିଛି । ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୧୬୨୫୨୭ ହୋଇ ଯାଇଛି । ବର୍ତମାନ ସୁଦ୍ଧା ୪୩୧୩ ଜଣଙ୍କର ମୃତ୍ୟୁ ଘଟିଛି ।

## ଜଟାଧାରରେ ପ୍ରତିଷ୍ଠା ହେବ ଇସ୍ପାତ୍ ପ୍ରକଳ୍ପ

### ସଜ୍ଜନ ଜିନ୍ଦଲଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା



ଭୁବନେଶ୍ୱର,୨୪।୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜେଏସ୍‌ଡବ୍ଲ୍ୟୁର ସଜ୍ଜନ ଜିନ୍ଦଲଙ୍କ ସହିତ ଭିଡିଓକନ୍‌ଫରେନ୍ସ ମାଧ୍ୟମରେ ଜଗତସିଂହପୁରରେ ଜଟାଧାରଠାରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଥିବା ୧୩.୨ ମିଲିୟନ୍ ଟନ୍ ବାର୍ଷିକ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ୍ ପ୍ରକଳ୍ପ ସଂପର୍କରେ ଆଜି ଆଲୋଚନା କରିଥିଲେ । ସେ ଏହି ପ୍ରକଳ୍ପ ପାଇଁ ଜମି, ଜଳ ଓ ବିଦ୍ୟୁତ ଶକ୍ତି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟରେ ଥିବା ପ୍ରାକୃତିକ ସଂପଦର ରାଜ୍ୟ ମଧ୍ୟରେ ସର୍ବାଧିକ ମୂଲ୍ୟ ପ୍ରଦାନ କରି ନିଯୁକ୍ତି ସୁଯୋଗ ଓ ରାଜସ୍ୱ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । ଶ୍ରୀ ଜିନ୍ଦଲ କହିଥିଲେ ଯେ ତାଙ୍କ କମ୍ପାନୀ ସୁନ୍ଦରଗଡ଼ ଜିଲ୍ଲାର କୋଇଡାଠାରେ ଏକ ୧୦୦ ଶଯ୍ୟାବିଶିଷ୍ଟ ହସ୍‌ପିଟାଲ୍ ଏବଂ ସ୍ଥାନୀୟ ଲୋକଙ୍କ କଲ୍ୟାଣ ନିମନ୍ତେ ଖଣି ଅଂଚଳର ଉନ୍ନତି ଲକ୍ଷ୍ୟରେ ପିପିପି ମୋଡ୍ ରେ ଏକ ଶିକ୍ଷାନୁଷ୍ଠାନ ସ୍ଥାପନ କରିବ । ସମ୍ବଲପୁରସ୍ଥିତ ଭାରତୀୟ ପରିଚାଳନା ପ୍ରତିଷ୍ଠାନ (ଆଇଆଇଏମ୍)ରେ ଓଡ଼ିଶା ନିମନ୍ତେ ଏକ ବିକାଶ ଅଧ୍ୟୟନ କେନ୍ଦ୍ର ମଧ୍ୟ ପ୍ରତିଷ୍ଠା କରାଯିବ । ଆସନ୍ତା ୧୦ ବର୍ଷ ମଧ୍ୟରେ ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରେ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବିନିଯୋଗ କରିବ ବୋଲି ଶ୍ରୀ ଜିନ୍ଦଲ ପ୍ରକାଶ କରିଥିଲେ । ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭଗର ପ୍ରମୁଖ ଶାସନ ସଚିବ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ, ଇପିକଲ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ରାଜ୍ୟରେ ଆଉ ୧୦ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୪୧୯ ହେଲା



ଭୁବନେଶ୍ୱର,୨୪।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୪୧୯ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଗଂଜାମ ଜିଲ୍ଲାରୁ ୫, ସୁନ୍ଦରଗଡ ଜିଲ୍ଲାରୁ ୨ ଜଣ, କଟକ, ନୟାଗଡ ଓ ରାୟଗଡା ଜିଲ୍ଲାରୁ ଜଣେ ଜଣେ କରୋନାରେ ମୃତ୍ୟୁ ବରଣ କରିଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୮ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଅନ୍ୟ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ମଧୁମେହ ଓ ଅନ୍ୟ ରୋଗରେ ପୀଡିତ ଥିଲେ । ସେହିପରି ଗଂଜାମ ଜିଲ୍ଲାର ଜଣେ ଜଣେ ୬୩ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଜଣେ ୬୦ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୬୫ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ରାୟଗଡା ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ଜଣେ ୬୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ। ସେହିପରି ସୁନ୍ଦରଗଡ ଜିଲ୍ଲାର ଜଣେ ୬୭ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ ।

## ଗାଡି କାଗଜପତ୍ରର ଅବଧି ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,୨୪।୮ (ନି.ପ୍ର): କରୋନା କଟକଣା ମଧ୍ୟରେ ବିଭିନ୍ନ ଗାଡିର ଲାଇସେନ୍ସ ବୈଧତା ଅବଧିକୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର । ମୋଟର ଭେଇକିଲ ଆଇନ ଅଧୀନରେ ଆସୁଥିବା ଡ୍ରାଇଭିଙ୍ଗ ଲାଇସେନ୍ସ, ଫିଟନେସ୍, ରେଜିଷ୍ଟ୍ରେସନ, ପରମିଟ୍ ଓ ଅନ୍ୟ ଡକ୍ୟୁମେଂଟର ବୈଧତା ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେଗୁଡିକ ଡିସେମ୍ବର ୩୧ ପର୍ଯ୍ୟନ୍ତ କାର୍ଯ୍ୟ କରିବ ବୋଲି କେନ୍ଦ୍ର ପରିବହନ ମନ୍ତ୍ରାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ତେବେ ପଲ୍ୟୁସନ୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ ବୋଲି ଏସଟିଏ କହିଛି । ଉଲ୍ଲେଖଯୋଗ୍ୟ ପ୍ରଥମେ ମାର୍ଚ୍ଚ ୩୦ରେ ଜୁନ୍ ୩୦ ପର୍ଯ୍ୟନ୍ତ ଓ ତାପରେ ଜୁନ୍ ୯ରେ ସେପଟ୍ଟେମ୍ବର ୩୦ ପର୍ଯ୍ୟନ୍ତ ଲାଇସେନ୍ସ ବୈଧତା ଅବଧିକୁ ବୃଦ୍ଧି କରିଥିଲା କେନ୍ଦ୍ର ପରିବହନ ମନ୍ତ୍ରାଳୟ ।

## କୋଭିଡ୍ ଯୋଦ୍ଧାଙ୍କ ଉଦ୍ୟମକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୨୪।୮ (ନି.ପ୍ର): ମୁଖ୍ୟମନ୍ତ୍ରୀ କୋଭିଡ୍ ମହାମାରୀ ବିରୁଦ୍ଧରେ ଆଉ ଏକ ମାଇଲ୍ ଖୁଂଟ ଅତିକ୍ରମ କରି ଅଗଷ୍ଟ ୨୩ ତାରିଖ ଦିନ ୨୧୨୯ ରୋଗୀ ଆରୋଗ୍ୟ ଲାଭ କରିଥିବା ଉଲ୍ଲେଖ କରିଛନ୍ତି । ଏପରି ସଫଳତାକୁ ସାକାର କରିଥିବା ଆମର କୋଭିଡ୍ ଯୋଦ୍ଧାମାନଙ୍କ ଉଦ୍ୟମ ଓ ତ୍ୟାଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଅସମ୍ଭବକୁ ସମ୍ଭବ କରିବାର ବ୍ୟକ୍ତିତ୍ୱ ଥିଲେ ଅରୁଣ ଜେଟଲୀ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୮ (ନି.ପ୍ର): ବରିଷ୍ଠ ବିଜେପି ନେତା, ଆଇନ ବିଶାରଦ ତଥା ପୂର୍ବତନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ ଅସମ୍ଭବକୁ ସମ୍ଭବ କରିବାର ବ୍ୟକ୍ତିତ୍ୱ ଥିଲେ ବୋଲି ନୂଆଦିଲ୍ଲୀ ଠାରେ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ସ୍ମୃତିସଭାରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ସ୍ୱର୍ଗତ ଜେଟଲୀ ଅନେକଙ୍କ ପାଇଁ ଜଣେ ଭଲ ବନ୍ଧୁ, ପଥପ୍ରଦର୍ଶକ ଏବଂ ଭଲ ଅଭିଭାବକ ଥିଲେ । ତାଙ୍କର ଶୂନ୍ୟସ୍ଥାନ କେହି ପୂରଣ କରିପାରିବେ ନାହିଁ । ସ୍ୱାଧୀନତୋର ଭାରତରେ ତାଙ୍କ ଦ୍ୱାରା ଅଣାଯାଇଥିବା ବଡ ବଡ ସଂସ୍କାର କାରଣରୁ ସେ ଚିରସ୍ମରଣୀୟ ହୋଇରହିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସ୍ୱର୍ଗତ ଅରୁଣ ଜେଟଲୀ ଓଡିଶାର ଜଣେ ବନ୍ଧୁ ଥିଲେ । ସେ ଓଡିଆ ଜାତିକୁ ଠିକ୍ ଭାବେ ଜାଣିଥିଲେ । ସର୍ବଦା କୁହନ୍ତି ଓଡିଆ ଜାତି ଏକ ବୁଦ୍ଧିଜୀବୀ ଲୋକଙ୍କର ଜାତି । ଡାକ୍ତର, ଓକିଲ, ପ୍ରଫେସର, ବିଚାରକ ହେବା ଓଡିଆ ଜାତିର ଗୁଣ । ମହାପ୍ରଭୁ ଜଗନ୍ନାଥଙ୍କ ନବକଳେବର ସମୟରେ ତାଙ୍କ ଅନୁରୋଧ କ୍ରମେ ଅରୁଣ ଜେଟଲୀ ଭାରତ ସରକାରଙ୍କ ତରଫରୁ ବଜେଟରେ ଅର୍ଥ ବ୍ୟବସ୍ଥା କରିଥିଲେ । ନବକଳେବର ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଏକ ସ୍ମାରକୀ ମୁଦ୍ରା ପ୍ରଚଳନ କରିବା ପାଇଁ ସେ ତତ୍‌କ୍ଷଣାତ୍ ଅନୁମତି ଦେଇଥିଲେ । ଓଡିଆ ଲୋକ ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଅପାର ଥିଲା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତିକୁ ଭାରତ ସରକାରଙ୍କ ସ୍ୱୀକୃତି ସହ ବଜେଟ୍ ପ୍ରସ୍ତାବର ଶବ୍ଦ ସଂଯୋଜନା ଅରୁଣ ଜେଟଲୀ କରିଥିଲେ ବୋଲି ସେ କହିଛନ୍ତି ।

## ସମାଜସେବୀ ଆଦିତ୍ୟ ଦାସ ମୃତ୍ୟୁ ମାମଲାରେ ହୋଇପାରେ ଲାଏ ଡିଟେକ୍ସନ ଟେଷ୍ଟ



ଭୁବନେଶ୍ୱର,୨୪।୮ (ନି.ପ୍ର): ସମାଜସେବୀ ଆଦିତ୍ୟ ଦାସ ମୃତ୍ୟୁ ମାମଲାରେ ତଦନ୍ତ ଘେରରେ ଥିବା ସମସ୍ତ ବ୍ୟକ୍ତିଙ୍କ ଲାଏ ଡିଟେକ୍ସନ ଟେଷ୍ଟ ପାଇଁ ଫରେନସିକ ଡିପାର୍ଟମେଂଟକୁ ଆବେଦନ କରିଛି କ୍ରାଇମବ୍ରାଂଚ । ଲାଏ ଡିଟେକ୍ସନ୍ ଟେଷ୍ଟ ହେଲେ ଖୁବ୍ ଶୀଘ୍ର ମାମଲାର ସତ୍ୟାସତ୍ୟ ପଦାକୁ ଆସିପାରେ । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଜୁଲାଇ ମାସରେ ଲିଙ୍ଗରାଜ ରେଳ ଷ୍ଟେସନ ନିକଟରୁ ଆଦିତ୍ୟଙ୍କ ମୃତଦେହ ମିଳିଥିଲା । ତେବେ ବାହାଘରର ମାସେ ନପୁରୁଣୁ ଆଦିତ୍ୟଙ୍କ ମୃତ୍ୟୁକୁ ନେଇ ବହୁ ପ୍ରଶ୍ନ ସାମ୍ନାକୁ ଆସିଥିଲା । ଘଟଣାକୁ ଏତେ ଦିନ ବିତି ଏବେ ବି ରହସ୍ୟ ଘେରରେ ରହିଛି ଆଦିତ୍ୟ ମୃତ୍ୟୁ ମାମଲା । ପ୍ରଥମେ ଜିଆରପି ପୋଲିସ ଏବଂ ପରେ ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଂଚ ।

## ଗ୍ରାମାଂଚଳ ଗୃହ ନିର୍ମାଣ ନେଇ ଭ୍ରମିତ କରୁଛି ବିଜେପି : ବିଜେଡି

ଭୁବନେଶ୍ୱର, ୨୪ ଅଗଷ୍ଟ - ରାଜ୍ୟରେ ସଫଳତାର ସହ ପକ୍କାଘର ନିର୍ମାଣ ପାଇଁ ବିଜେପି ଶାସିତ କେନ୍ଦ୍ର ସରକାର ଦିଲ୍ଲୀରେ ଓଡିଶାକୁ ପୁରସ୍କୃତ କରୁଥିବାବେଳେ ଓଡିଶା ବିଜେପି କିନ୍ତୁ ନିୟମିତ ଭାବେ ଏ ସଂକ୍ରାନ୍ତରେ ମିଥ୍ୟା ସୂଚନା ଦେବା ସହିତ ଓଡିଶାବାସୀଙ୍କୁ ଭ୍ରମରେ ପକାଇବାକୁ ଅପଚେଷ୍ଟା ଚଳାଇଛି । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା (ପିଏମଏୱାଇ)ରେ ରାଜ୍ୟ ସରକାର ଗ୍ରାମାଂଚଳରେ ଧାର୍ଯ୍ୟ ସମୟରେ ପକ୍କାଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରୁ କେନ୍ଦ୍ର ସରକାର ଓଡିଶାକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ପୁରସ୍କୃତ କରିଛନ୍ତି । ଓଡିଶା ବିଜେପି ନିକଟରେ ଅଭିଯୋଗର କୌଣସି ଠୋସ୍ ପ୍ରମାଣ ରହିଛି ତେବେ କାର୍ଯ୍ୟାନୁଷ୍ଠାନ ପାଇଁ ତାହାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରିପାରିବେ । ଯଦି ଏ ସଂକ୍ରାନ୍ତରେ କୌଣସି


▶▶ପୃଷ୍ଠା ୭


## ଗୋଟିଏ ଦିନରେ ୨୯୪୯ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ମାମଲା ୮୧୪୭୯କୁ ବୃଦ୍ଧି

ଭୁବନେଶ୍ୱର,୨୪।୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୯୪୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୧୪୭୯ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା ୨୯୯୩ ଜଣଙ୍କ ମଧ୍ୟରୁ ୧୮୨୬ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୧୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।


▶▶ପୃଷ୍ଠା ୭



ବେଦାଗ ସୁନ୍ଦର ତ୍ୱଚା କେଉଁ ନାରୀର ବା ପସନ୍ଦ ନୁହେଁ । ତେଣୁ ଯାହା ପାଖରେ ଏହାର ଅଭାବ ରହିଛି ସେମାନେ ଏଥିପାଇଁ ବିଭିନ୍ନ ପ୍ରକାରର ସୌନ୍ଦର୍ଯ୍ୟ ପ୍ରସାଧନ ବ୍ୟବହାର କରିବାଠାରୁ ଆରମ୍ଭ କରି ବିୟୁଟି ପାର୍ଲର ଯାଇ ଫେସିଆଲ ଏବଂ ଅନ୍ୟାନ୍ୟ ଉପାୟ ଆପଣାଇବାକୁ ପଛାଇ ନଥାନ୍ତି । ହେଲେ ଜାଣିନ୍ତିକି, ଯଦି ଆପଣ ଘରେ ଷ୍ଟିମ୍ ବ୍ୟବହାର କରିବେ ତେବେ ମଧ ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇ ପାରିବେ । ଜାଣି ରଖନ୍ତୁ ସେ ସମ୍ପର୍କରେ...

## ଷ୍ଟିମ୍ ବଢ଼ାଏ ଉଜ୍ଜ୍ୱଳତା

*ଯଦି ମୁହଁରେ ବ୍ଲାକ୍‌ହେଡ୍‌ସ କିମ୍ବା ହ୍ୱାଇଟ୍‌ହେଡ୍‌ସ ସମସ୍ୟା ରହିଛି ତେବେ ସବୁବେଳେ ମୁହଁକୁ ସଫା ରଖନ୍ତୁ ଏବଂ କିଛି ଦିନ ସମୟ ଅନ୍ତରାଳରେ ଷ୍ଟିମ୍ ନିଅନ୍ତୁ । ଏଥିପାଇଁ ପ୍ରଥମେ ମୁହଁକୁ କ୍ଲିଞ୍ଜର ଲଗାଇ ଭଲଭାବେ ସଫା କରି ନିଅନ୍ତୁ । ଏକ ବଡ଼ ପାତ୍ରରେ ଫୁଟା ପାଣି ନିଅନ୍ତୁ । ବର୍ତ୍ତମାନ ମୁଣ୍ଡରେ ଟାୱାଲ ଘୋଡ଼ାଇ ପାଣିରୁ ବାହାରୁ ଥିବା ବାମ୍ପରେ ମୁହଁ ଦେଖାନ୍ତୁ । ଏହାଦ୍ୱାରା ତ୍ୱଚାରେ ଥିବା ପୋର୍ ବା ରନ୍ଧ୍ର ଖୋଲିଯିବ । କିଛି ସମୟ ଏପରି କରିବା ପରେ ଏକ ଟୁଇଜର୍ ସାହାଯ୍ୟରେ ଚାପି ଚାପି ବ୍ଲାକ୍‌ହେଡ୍‌ସ କିମ୍ବା ହ୍ୱାଇଟ୍‌ହେଡ୍‌ସକୁ କାଢ଼ି ଦିଅନ୍ତୁ । ଏହାଦ୍ୱାରା ତ୍ୱଚା ଚିକ୍କଣ ଏବଂ ସୁନ୍ଦର ଦେଖାଯିବ ।

*ଷ୍ଟିମ୍ ନେବା ଦ୍ୱାରା ତ୍ୱଚାରେ ବ୍ରଣ ଆଦି ସମସ୍ୟା ସୃଷ୍ଟି କରୁଥିବା ଡେଡ୍ ସେଲ୍‌ଗୁଡ଼ିକ ନରମ ହୋଇ ସହଜରେ ବାହାରି ଆସିଥାଏ । ଯାହାଦ୍ୱାରା ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ ।

*ଷ୍ଟିମ୍ ନେବା ଦ୍ୱାରା ତ୍ୱଚାରେ ବ୍ଲଡ୍ ସର୍କୁଲେଶନ୍ ଭଲ ଭାବେ ହୋଇଥାଏ ଏବଂ ତ୍ୱଚାକୁ ଅଧିକ ପରିମାଣରେ ଅକ୍ସିଜେନ୍ ଏବଂ ଅନ୍ୟାନ୍ୟ ଉପାଦାନ ମିଳିଥାଏ । ଫଳରେ ତ୍ୱଚା ସୁନ୍ଦର ଏବଂ ବେଦାଗ ରହିଥାଏ ।

*ଷ୍ଟିମ୍ ନେବା ସମୟରେ ଗରମ ପାଣିରେ ଆପଣ ନିମ୍ବପତ୍ର, ତୁଳସୀପତ୍ର, ପୋଦିନା ପତ୍ର, ଫୁଲପାଖୁଡ଼ା ମଧ୍ୟରୁ ଗୋଟିଏ କିମ୍ବା କୌଣସି ସୁଗନ୍ଧିତ ତୈଳରୁ କିଛି ବୁନ୍ଦା ପକାଇ ପାରିବେ ।

*ଅଧିକ ସମୟ କିମ୍ବା ଅଧିକ ତାପମାତ୍ରାରେ ଷ୍ଟିମ୍ ନେଲେ ଭଲ ବୋଲି ଯଦି ଭାବୁଥାନ୍ତି ତେବେ ଜାଣି ରଖନ୍ତୁ ଏହା ତ୍ୱଚାକୁ ଡ୍ରାଏ ଏବଂ ରିଙ୍କିଲ୍ କରି ଦେଇଥାଏ । ତେଣୁ ଘରେ ଷ୍ଟିମ୍ ନେଉଥିଲେ ପାଣିକୁ ଅଧିକ ଗରମ କରନ୍ତୁ ନାହିଁ । ଅର୍ଥାତ୍ ପାଣିକୁ ୪୩ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଗରମ କରନ୍ତୁ ଏବଂ ୭ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଷ୍ଟିମ ନିଅନ୍ତୁ । ମାସକୁ ଥରେ କିମ୍ବା ଅତିବେଶିରେ ଦୁଇଥର ହିଁ ଷ୍ଟିମ୍ ନେଇପାରିବେ ।

## ରୁଟ୍‌କାନାଲ୍ ବା ଦାନ୍ତମଞ୍ଜୀର ଚିକିତ୍ସା

ଦାନ୍ତକୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ଦେବାରେ ଏନାମେଲ୍‌ର ଭୂମିକା ମୁଖ୍ୟ । ଏନାମେଲ୍ ତଳ ଦ୍ୱିତୀୟ ସ୍ତରକୁ ଡେଣ୍ଟିନ୍ କୁହାଯାଏ । ଏହି ସ୍ତରରେ ସୂକ୍ଷ୍ମାତିସୂକ୍ଷ୍ମ ନଳୀ ଦ୍ୱାରା ଦାନ୍ତର ତୃତୀୟ ସ୍ତରକୁ ଯୋଗାଯୋଗ ରହିଛି, ଯାହାକୁ ଡେଣ୍ଟିନାଲ୍ ଟ୍ୟୁବଲ୍ କୁହାଯାଏ । ତୃତୀୟ ସ୍ତରକୁ ପଲ୍‌ପ ବା ଦାନ୍ତମଞ୍ଜି ବୋଲି କୁହାଯାଏ ।





ଗରମ, ଥଣ୍ଡା,ଖଟା କିମ୍ବା ମିଠା ଖାଦ୍ୟ ଖାଉଥିବା ସମୟରେ ଦାନ୍ତ କୋଲ ମାରିବା ବା ଶିର୍ ଶିର୍ ହେବା ଅନେକ ସ୍ଥଳରେ ଦେଖାଯାଏ । ଦାନତ୍ର ଓ ମୁଖଗହ୍ୱର ପରୀକ୍ଷା ପରେ ଦେଖାଯାଏ ଦାନ୍ତର ବାହ୍ୟ ଆବରଣ ଏନାମେଲ୍‌ର କ୍ଷୟ ଯୋଗୁଁ ମୁଖ୍ୟତଃ ଏହିସବୁ ଲକ୍ଷଣ ପ୍ରକାଶ ପାଏ । ଦାନ୍ତ ଉପରେ କୌଣସି ପ୍ରକାର ଆଘାତ ଯୋଗୁଁ ଦାନ୍ତର କିଛି ଅଂଶ ଭାଙ୍ଗିଗଲେ, ଦୀର୍ଘଦିନ ଧରି ଦାନ୍ତରେ କଣା (ଦାନ୍ତ ପୋକଖିଆ) ହୋଇ କ୍ରମାଗତ ଭାବେ ଦାନ୍ତକ୍ଷୟ, ପାନ ମସଲା, ଗୁଆ ଭଳି ଟାଣୁଆ ଜିନିଷ ଧାରାବାହିକ ଭାବେ ଚୋବାଇବା, ଅମ୍ଳରୋଗ ପ୍ରଭୃତି ଏନାମେଲ୍‌ର କ୍ଷୟ ମଧ୍ୟରୁ କେତେକ କାରଣ ।

ଦାନ୍ତ ମୁଖ୍ୟତଃ ତିନୋଟି ସ୍ତରରେ ଗଠିତ । ଦାନ୍ତର ବାହ୍ୟ ଆବରଣ ବା ଉପର ଅଂଶ ଏନାମେଲ୍ ଶରୀରର ସବୁଠାରୁ ଟାଣୁଆ ଅଂଶ । ଏପରିକି ହାଡ଼ଠାରୁ ମଧ୍ୟ ଅଧିକ ମଜବୁତ୍ । ଏହାର ରଙ୍ଗ ଧଳା, ଦାନ୍ତରୁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ଦେବାରେ ଏନାମେଲ୍‌ର ଭୂମିକା ମୁଖ୍ୟ । ଏନାମେଲ୍ ତଳ ଦ୍ୱିତୀୟ ସ୍ତରକୁ ଡେଣ୍ଟିନ୍ କୁହାଯାଏ ।

ଏହି ସ୍ତରରେ ସୂକ୍ଷ୍ମାତିସୂକ୍ଷ୍ମ ନଳୀ ଦ୍ୱାରା ଦାନ୍ତର ତୃତୀୟ ସ୍ତରକୁ ଯୋଗାଯୋଗ ରହିଛି, ଯାହାକୁ ଡେଣ୍ଟିନାଲ୍ ଟ୍ୟୁବଲ୍ କୁହାଯାଏ । ତୃତୀୟ ସ୍ତରକୁ ପଲ୍‌ପ ବା ଦାନ୍ତମଞ୍ଜି ବୋଲି କୁହାଯାଏ । ଏହା ଦାନ୍ତର ପ୍ରମୁଖ ଅଂଶ । ଏଠାରୁ ଦାନ୍ତ ମୂଳ ସହିତ ରକ୍ତ ସଞ୍ଚାଳନ ଓ ସ୍ନାୟୁ ସଂଯୋଗ ହୋଇଥାଏ । ଆକସ୍ମିକ ଦୁର୍ଘଟଣା ଯୋଗୁଁ ଦାନ୍ତର କିଛି ଅଂଶ ଭାଙ୍ଗିଗଲେ ଏନାମେଲ୍‌ର କ୍ଷୟ ହୋଇଥାଏ । ଏହି ସ୍ଥଳେ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥାରେ ହେଳା କଲେ କାଳକ୍ରମେ ଡେଣ୍ଟିନାଲ ଟ୍ୟୁବଲ୍ ମାଧ୍ୟମରେ ରୋଗ ଜୀବାଣୁ ସଂକ୍ରମଣ ହୋଇ ପରବର୍ତ୍ତୀ ସମୟରେ ଗରମ, ଥଣ୍ଡା, ଖଟା ବା ମିଠା ଖାଦ୍ୟ ଖାଇବା ସମୟରେ ଶିହରଣ, ଭୀଷଣ କଷ୍ଟ ଓ ଦରଜ ହୋଇ ଦାନ୍ତ ମୂଳରେ ପୂଜ ସୃଷ୍ଟି ହୁଏ ଏବଂ ଦାନ୍ତର ରଙ୍ଗରେ ପରିବର୍ତ୍ତନ ଘଟି ମାଟିଆ ବା ଖଇରିଆ ବର୍ଣ୍ଣ ଧାରଣ କରିଥାଏ । ଯାହାକୁ ବିବର୍ଣ୍ଣ ଦାନ୍ତ ବୋଲି କହିଥାନ୍ତି । ଦୀର୍ଘଦିନ ଧରି ପାନ ମସଲା, ବୁଟ ଓ ଗୁଆ ଭଳି ଟାଣୁଆ ଜିନିଷ ଚୋବାଇବା ଯୋଗୁଁ ଏନାମେଲ୍ କ୍ଷୟ ହୋଇ ଦାନ୍ତ ମୂଳରେ ଜୀବାଣୁ ସଂକ୍ରମଣ ହୋଇ ଆରମ୍ଭ ଅବସ୍ଥାରେ ଶୀର୍ ଶୀର୍ ଲାଗେ । ଦୀର୍ଘଦିନ ପରେ ପ୍ରବଳ ବିନ୍ଧା ଅନୁଭୂତ ହୋଇଥାଏ । ଏହାର ପାର୍ଶ୍ୱ ପ୍ରଭାବ ଯୋଗୁଁ କାନମୁଣ୍ଡା ଓ ମୁଣ୍ଡ ସହ ଦାନ୍ତ ରୋଗାକାନ୍ତ ହୋଇଥିବା ଯୋଗୁଁ ବିନ୍ଧା ହୁଏ । ଦାନ୍ତର କୌଣସି ସ୍ଥାନରେ ଛିଦ୍ର ଦେଖାଦେଲେ ଉକ୍ତ ସ୍ଥାନ କଳା ରଙ୍ଗ ହୋଇ ସୋରିଷ ଭଳି ଅତି ଛୋଟ କଣା ହୋଇଥାଏ । ଏହାକୁ ସାଧାରଣତଃ ଦାନ୍ତ ପୋକଖିଆ କହନ୍ତି । ବିଜ୍ଞାନ ସମ୍ମତ ମତାନୁଯାୟୀ ପ୍ରକୃତରେ ପୋକ ନଥାନ୍ତି । ଏହା ଅମ୍ଳ ବିଘଟନ ପ୍ରକ୍ରିୟା ଯୋଗୁଁ ଦାନ୍ତରେ କଣା ହୋଇଥାଏ । ଏନାମେଲ୍ ଆବରଣ ମଧ୍ୟରେ କଣା ଥିବା ସମୟରେ ଆଦୌ ଯନ୍ତ୍ରଣା ହେଉନଥାଏ । ଏହି ସମୟରେ ଫିଲିଂ ଭଳି ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା କରି କଣା ବନ୍ଦ ନକଲେ, କାଳକ୍ରମେ କଣା ଦିନକୁ ଦିନ ବଢ଼ିବାରେ ଲାଗେ । ଏହି କଣା ଯେତେବେଳେ ଦାନ୍ତର ତୃତୀୟ ସ୍ତରର ମଞ୍ଜିକୁ ରୋଗାକ୍ରାନ୍ତ କରେ ସେତେବେଳେ ରୋଗୀ କଷ୍ଟ ଅନୁଭବ କରିଥାନ୍ତି । ମୁଖ୍ୟତଃ ଏହିସବୁ କାରଣ ଯୋଗୁଁ ଏନାମେଲ୍ କ୍ଷୟ ହୋଇ ଦାନ୍ତର ମଞ୍ଜି ରୋଗାକ୍ରାନ୍ତ ହେଲେ ଅନେକ ଉକ୍ତ ଦାନ୍ତକୁ ସମୂଳେ ଓପାଡ଼ି ଦେଇଥାନ୍ତି । ଦାନ୍ତ ବିନ୍ଧା ହେଲେ ସାଧାରଣତଃ ଅନେକଙ୍କ ଧାରଣା ଦାନ୍ତ ଓପାଡ଼ିବା ହିଁ ଏକମାତ୍ର ଚିକିତ୍ସା । ବିଜ୍ଞାନର ପ୍ରଗତି ଓ ଦନ୍ତଶଲ୍ୟ ଚିକିତ୍ସାର ପ୍ରସାର ଯୋଗୁଁ ଆଜିକାଲି ଦାନ୍ତ ଓପାଡ଼ିବା ଶେଷ ଚିକିତ୍ସାରେ ପରିଣତ ହେଲାଣି । ସ୍ଥଳବିଶେଷରେ ଯେକୌଣସି ସମୟରେ ଯାହାଙ୍କର ଯେତେଟା ଚାହିଁଲେ ଦାନ୍ତ ଓପାଡ଼ି ଦିଆଯାଇପାରେ । କିନ୍ତୁ ଦାନ୍ତ ଓପାଡ଼ିବା ସମୟରେ ଏଥିଯୋଗୁଁ ସମ୍ପୂର୍ଣ୍ଣ ମୁଖଗହ୍ୱରରେ ଏହାର କୁପ୍ରଭାବ ପଡ଼େ । ଓପାଡ଼ିବା ପରେ ଯେତେ କୃତ୍ରିମ ଦାନ୍ତ ଲଗାଇଲେ ମଧ୍ୟ ପ୍ରାକୃତିକ ଦାନ୍ତରୁର ପରିପୂରକ ହୋଇପାରେ ନାହିଁ । ତେଣୁ ବିଭିନ୍ନ ସ୍ତରରେ ରୋଗ ସଂକ୍ରମଣ ଯୋଗୁଁ ଦାନ୍ତ ନ ଓପାଡ଼ି ଅତ୍ୟାଧୁନିକ ମାଧ୍ୟମରେ ରକ୍ଷା କରାଯାଇ ପାରୁଛି । ସେଥିମଧ୍ୟରୁ ଦାନ୍ତ ମଞ୍ଜୀର ଚିକିତ୍ସା ବା ରୁଟ୍‌କାନାଲ ଚିକିତ୍ସା ଅନ୍ୟତମ । ଏକ୍ସରେ ଦ୍ୱାରା ଦାନ୍ତମୂଳର ଅବସ୍ଥିତି ଓ ରୋଗ ସଂକ୍ରମଣର ସ୍ତରକୁ ଦେଖି ରୋଗାକ୍ରାନ୍ତ ଦାନ୍ତର ପରୀକ୍ଷା ପରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞ ବିଭିନ୍ନ ସୂକ୍ଷ୍ମ ଉପକରଣ ସାହାଯ୍ୟରେ ଏହି ରୁଟ୍‌କାନାଲ୍ ଚିକିତ୍ସା ଦ୍ୱାରା ରୋଗାକ୍ରାନ୍ତ ଦାନ୍ତର ମଞ୍ଜିକୁ ଜୀବାଣୁମୁକ୍ତ କରିବା ପରେ ଚିକିତ୍ସା ଶେଷ କରିଥାନ୍ତି । ଏଥିପାଇଁ ରୋଗୀକୁ ୪/୫ ଥର ଆସିବାକୁ ପଡ଼େ । ସ୍ଥଳବିଶେଷରେ ୨/୩ ଥର ମଧ୍ୟ ଅଧିକ ଆସିବାକୁ ପଡ଼ିଥାଏ । ରୋଗୀ ସମ୍ପୂର୍ଣ୍ଣ ଯନ୍ତ୍ରଣାମୁକ୍ତ ହେବା ସହ ଦାନ୍ତ ଓପାଡ଼ିବାରୁ ରକ୍ଷା କରିବା ଏହି ଚିକିତ୍ସାର ମୂଳ ଲକ୍ଷ୍ୟ ।



## ଚଢ଼େଇ ବସାର ଘର

ଶୀର୍ଷକ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିବ; ମାତ୍ର ଏହା ସମ୍ପୂର୍ଣ୍ଣ ସତ । ସାଧାରଣରେ ଦେଖିବାକୁ ଗଲେ ଲୋକେ ସୁନ୍ଦର ଏବଂ ବିଳାସପୂର୍ଣ୍ଣ ଘରେ ରହିବାକୁ ସବୁବେଳେ ସ୍ୱପ୍ନ ଦେଖନ୍ତି । କିନ୍ତୁ ଆଜିର ଯୁଗରେ ବି ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ବର୍ଷେ କି ଦୁଇ ବର୍ଷ ନୁହେଁ ଲଗାତର ପିଢ଼ି ପରେ ପିଢ଼ି ଚଢ଼େଇ ବସା ଭଳିଘରେ ରହିବାକୁ ପସନ୍ଦ କରୁଛନ୍ତି । ଇରାନରେ କାନ୍ଦୋବନ ଗାଁର କାହାଣୀ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ । ଏଠାକାର ବାସିନ୍ଦା ଚଢ଼େଇ ବସା ସଦୃଶ ଘର ତିଆରି କରି ତା ଭିତରେ ସୁଖଶାନ୍ତିରେ ରହୁଛନ୍ତି । ଘରଗୁଡ଼ିକ ବି ନିଜର ନିର୍ମାଣଶୈଳୀ ପାଇଁ ବିଶ୍ୱସ୍ତରରେ ଶେ ପ୍ରସିଦ୍ଧ । ତେବେ ଗ୍ରାମବାସୀମାନେ ଏଭଳି ଘର ତିଆରି କରି ରହିବା ପଛର ପ୍ରକୃତ କାରଣ ହେଉଛଇ, ଏହା ଶୀତ ଦିନେ ଗରମ ଏବଂ ଗ୍ରୀଷ୍ମରେ ଥଣ୍ଡା ରହିଥାଏ । ଏଣୁ ଗ୍ରାମବାସୀଙ୍କୁ ନାହିଟରର ଆବଶ୍ୟକ ଅଛି ନା ଏସିର । ଘର ଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ଦେଖିବାକୁ ଖୁବ ଅଜବ ଲାଗିପାରେ । କିନ୍ତୁ ବେଶ ଆରାମଦାୟକ । ଏଗୁଡ଼ିକ ପ୍ରାୟ ୭ଶହ ବର୍ଷ ପୁରୁଣା । କୁହାଯାଇଛି, ଏଠାକାର ବାସିନ୍ଦାଙ୍କ ପୂର୍ବଜମାନେ ଶତ୍ରୁ ଆକ୍ରମଣରୁ ବର୍ତ୍ତିବା ପାଇଁ ଏଭଳି ଘର ତିଆରି କରିଥିଲେ । ଏହା ସେମାନଙ୍କର ଭିଟାମାଟି ନଥିଲା । କେବଳ ଶତ୍ରୁଅଙ୍କ କବଳରୁ ଲୁଚିବା ପାଇଁ ଠିକଣାଖୋଜୁ ଖୋଜୁ ଏହି ଘର ତିଆରି କରିଦେଇଥିଲେ । ଆଜି ଏହାର ଆକର୍ଷଣୀୟ ନିର୍ମାଣଶୈଳୀ ଏବଂ ଅଦ୍ଭୁତ ସାଜସଜା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିପାରୁଛି ।




## ଭିଟାମିନ୍ ଡି କମ୍ ହେଲେ...



ଭିଟାମିନ ଡି କମ୍ ହେଲେ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ଏହାର ସ୍ତର କମିଗଲେ ବ୍ଲାଡ଼ର କ୍ୟାନସର ହେବାର ବହୁ ସମ୍ଭାବନା ରହିଛି। ଗବେଷଣା ଅନୁସାରେ ସୂର୍ଯ୍ୟ କିରଣ ମାଧ୍ୟମରେ ଶରୀରରେ ଭିଟାମିନ ଡି ପହଂଚିଥାଏ। ଏହାର ସବୁଠୁ ବଡ଼ ସ୍ରୋତ ମାଛ ଏବଂ ଅଣ୍ଡାରେ ବି ରହିଛି। ଏହି ଭିଟାମିନ ଦ୍ୱାରା ଶରୀରକୁ କ୍ୟାଲସିୟମ ଏବଂ ଫସଫରସର ସ୍ତରକୁ ନିୟନ୍ତ୍ରଣ କରିବାରେ ସହଯୋଗ କରିଥାଏ। ପୂର୍ବରୁ କରାଯାଇଥିବା ଗବେଷଣାରେ କୁହାଯାଇଥିଲା ଯେ ଭିଟାମିନ ଡି କମ୍ ହେବାଯୋଗୁଁ ହୃଦରୋଗ ସ୍ମୃତିଶକ୍ତି ସମ୍ବନ୍ଧୀୟ ପ୍ରୋବ୍ଲେମ ଏବଂ କ୍ୟାନସର ଭଳି ଅସୁବିଧାର କାରଣ ସୃଷ୍ଟି ହୋଇପାରେ। ତେବେ ନିକଟରେ କରାଯାଇଥିବା ଗବେଷଣା ମୁତାବକ ବ୍ଲାଡ଼ରର କୋଷ ଗୁଡ଼ିକ ଭିଟାମିନ ଡି. କୁ ସକ୍ରିୟ କରିବାର କାମ କରିଥାଏ। ଏହା ବଦଳେଇ ପ୍ରତିରକ୍ଷା ମଧ୍ୟ ବଢ଼ି ଯାଇଥାଏ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ଯେ ପ୍ରତିରକ୍ଷା ପ୍ରଣାଳୀ କ୍ୟାନସରକୁ ଅଟକାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।

## ରୁକ୍ଷ ଉପତ୍ୟକାର ସୌନ୍ଦର୍ଯ୍ୟ ପ୍ୟାଂଗଂ ହ୍ରଦ



ଧୂସର-ବାଦାମି ପାହାଡ଼ରେ ଘେରା ଗୋଟିଏ ଅଞ୍ଚଳ । ଚାରିଆଡ଼େ ରୁକ୍ଷତାର ଛାପ ସ୍ପଷ୍ଟ । ତାହାରି ମଧ୍ୟରେ ଟୁକୁରାଏ ପ୍ରାଣର ସ୍ପନ୍ଦନ । ପ୍ୟାଂଗଂ ହ୍ରଦ , ଯାହାର ଅମୋଘ ଆକର୍ଷଣରେ ପ୍ରତି ବର୍ଷ ଲଦାଖ ଅଭିମୁଖେ ବାହାରି ପଡ଼ନ୍ତି ହଜାର ହଜାର ମଣିଷ । ସଂପ୍ରତି ଭାରତ-ଚୀନ ସଂଘର୍ଷ କାରଣରୁ ପୁଣି ଥରେ ଚର୍ଚ୍ଚାର ଘେରକୁ ଆସିଛି ଏଇ ହ୍ରଦ । ଏହି ହ୍ରଦ ସଂପର୍କରେ ଆସନ୍ତୁ ଜାଣିବା କେତୋଟି କଥା । ପୂର୍ବ ଲଦାଖରେ ପ୍ରାୟ ୧୪ ହଜାର ଫୁଟ୍ ଉଚ୍ଚତାରେ ଅବସ୍ଥିତ ପ୍ୟାଂଗଂ ହ୍ରଦ ପୃଥିବୀର ଉଚ୍ଚତମ ଲବଣାକ୍ତ ହ୍ରଦ । କଙ୍କଡ଼ା ବ୍ୟତୀତ ମାଛ ବା ଅନ୍ୟ ଜଳଜ ଜୀବ ଏହି ହ୍ରଦରେ ବାସ କରନ୍ତି ନାହିଁ । ତେବେ ବର୍ଷସାରା ହଂସ, ସାରସ ଜାତୀୟ ପକ୍ଷୀ ଏହି ହ୍ରଦରେ ଦେଖିବାକୁ ମିଳନ୍ତି । ପ୍ୟାଂଗଂ ଲେକ୍‌ର ପାଣି ଲବଣାକ୍ତ ହେଲେ ମଧ ପ୍ରଚଣ୍ଡ ଶୀତରେ ପୂରା ହ୍ରଦ ଶୁଖି ଜମାଟ ବାନ୍ଧିଯାଏ । ସେତେବେଳେ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକମାନଙ୍କୁ ନେଇ ଏହି ହ୍ରଦ ଉପରେ ଆଇସ୍ ସ୍କେଟିଂ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ । ବିଳାସବହୁଳ ହୋଟେଲ୍ ନଥିଲେ ହ୍ରଦ ଧାରରେ ତମ୍ବୁ ଲଗାଇ ରହିବା ପାଇଁ ପର୍ଯ୍ୟଟକମାନେ ପସନ୍ଦ କରନ୍ତି । ତେବେ ୧୩୮ କିମି ଲମ୍ବା ଏବଂ ୫ କିମି ଚଉଡ଼ା ଏହି ହ୍ରଦ ଉପର ଦେଇ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଯାଇଛି । ଏହି ହ୍ରଦର ଏକ ତୃତୀୟାଂଶ ଭାରତର ଭୂଭାଗ ମଧ୍ୟରେ ପଡ଼ିଥାଏ । ପ୍ରକୃତ ନିୟନ୍ତ୍ରଣ ରେଖାରୁ ପୂର୍ବର ୨୦ କିମି ଚିନ ନିୟନ୍ତ୍ରଣରେ ରହିଛି । ହ୍ରଦର ପୂର୍ବ ପ୍ରାନ୍ତଟି ରହିଛି ତିବ୍‌ବତରେ । ଏହି ହ୍ରଦ ପାଖରେ ହିଁ ଅନେକ ଥର ଭାରତୀୟ ଏବଂ ଚୀନ ସେନା ମୁହାଁମୁହିଁ ହୋଇଛନ୍ତି । ତେବେ ଯେଉଁ ପ୍ୟାଂଗଂ ନେଇ ଭାରତ-ଚୀନ ମଧ୍ୟରେ ଅଶାନ୍ତି ତାକୁ ଦେଖିବା ପାଇଁ ପର୍ଯ୍ୟଟକମାନେ ବାରମ୍ବାର ଛୁଟି ଯାଆନ୍ତି । ୨୦୧୪ ମସିହା ପର୍ଯ୍ୟନ୍ତ ପ୍ୟାଂଗଂ ହ୍ରଦ ପର୍ଯ୍ୟନ୍ତ ଯିବା ପାଇଁ ଇନର୍ ଲାଇନ୍ ପରମିଟ୍ ଯୋଗାଡ଼ କରିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଭାରତୀୟ ନାଗରିକମାନଙ୍କ ପାଇଁ ସେଠାକୁ ଯିବା କ୍ଷେତ୍ରରେ କୌଣସି ବିଶେଷ ଅନୁମତି ପତ୍ର ଦରକାର ପଡୁନାହିଁ । ପ୍ୟାଂଗଂର ଆକର୍ଷଣରେ ଭ୍ରମଣପିପାସୁ ଲୋକମାନେ ସବୁବେଳେ ଲଦାଖ ପ୍ରତି ଆକୃଷ୍ଟ ଥିଲେ । ତେବେ ବଲିଉଡ ସୌଜନ୍ୟରୁ ପ୍ୟାଂଗଂର ଲୋକପ୍ରିୟତା ଆହୁରି ବଢ଼ି ଯାଇଛି । ୧୯୯୮ ମସିହାରେ 'ଦିଲ ସେ' ଫିଲ୍ମର 'ସତରଙ୍ଗୀ ରେ' ଗୀତଟିର ବେଶ୍ କିଛି ଦୃଶ୍ୟ ପ୍ୟାଂଗଂ ଲେକ୍ ତୀରରେ ହୋଇଥିଲା । 'ଥ୍ରୀ ଇଡିୟଟ୍‌ସ' ଫିଲ୍ମରେ ମଧ ସାମ୍ନାକୁ ଆସିଥିଲା ପ୍ୟାଂଗଂର ନୀଳ ଜଳରାଶି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଷଡ଼ଯନ୍ତ୍ର...

ଆମ ଦେଶ ଏବେ ବିଶ୍ୱବ୍ୟାପୀ କରୋନା ବିରୋଧୀ ଲଢ଼େଇରେ ବ୍ୟାପୃତ ରହିଛି । ଲକ୍ଷ ଲକ୍ଷ ଲୋକ କରୋନା ସଂକ୍ରମଣ ହେତୁ ଜୀବନ ମରଣ ସଂଘର୍ଷରେ ଲାଗିପଡ଼ିଥିବା ବେଳେ ଦୁଷ୍କୃତିକାରୀ ଶକ୍ତିମାନେ ଗୁଜବରୂପୀ ଭୂତାଣୁ ଛାଡ଼ି ସମାଜର ଅନିଷ୍ଟ ସାଧନ କରିବାକୁ ପଛାଉ ନାହାଁନ୍ତି । ସଂକ୍ରମଣ ଭଳି ବିଷମ କାଳରେ ଭିତ୍ତିହୀନ ଗୁଜବ ପ୍ରଚାର କରିବା ଦେଶବିରୋଧୀ କାର୍ଯ୍ୟରେ ଯାଏ । ଗୁଜବ କେବଳ ତୁଣ୍ଡକୁ ତୁଣ୍ଡ ପ୍ରଚାରରେ ସୀମିତ ନୁହେଁ; ସାମାଜିକ ଗଣମାଧ୍ୟମରେ ଆଶ୍ରୟ ନେଇ ସମାଜବିରୋଧୀ ତତ୍ତ୍ୱମାନେ ଯେଉଁଭଳି ଅସନ୍ତୁଳିତ ସ୍ଥିତି ଉତ୍ପନ୍ନ କରୁଛନ୍ତି, ତାହା ଦେଶ ହିତର ପରିପନ୍ଥୀ ବୋଲି କୁହାଯିବ । ଫେସ୍‌ବୁକ୍, ହ୍ୱାଟସ୍ ଆପ୍‌ର ବ୍ୟବହାରକାରୀମାନେ ନିଜର ଜାଣତରେ ହେଉ ଅଜାଣତରେ ହେଉ, ଏମିତି କିଛି କୁକାର୍ଯ୍ୟର ଫାନ୍ଦରେ ପଡ଼ିଯାଉଛନ୍ତି, ତାହା ମଧ୍ୟ ଦେଶ ବିରୋଧ ଯାଉଛି । ପ୍ରଚ୍ଛନ୍ନ ଭାବରେ କିଛି ସମାଜବିରୋଧୀମାନେ ଆଜିକାଲି ସକ୍ରିୟ ଥିବା ହେତୁ ରାଷ୍ଟ୍ରବିରୋଧୀ ଷଡ଼ଯନ୍ତ୍ରର ଜାଲ ଖେଳାଇ ହୋଇଯାଇଛି । ଜାତୀୟ ବିକାଶର ଯାତ୍ରାକୁ ଅବ୍ୟାହତ ରଖିବା ଲକ୍ଷ୍ୟରେ ବହୁ ପଦକ୍ଷେପ ନିଆଯିବା ଭିତରେ କରୋନା ସଂକ୍ରମଣଜନିତ ସଙ୍କଟର ମୁକାବିଲା ବସ୍ତୁତଃ ପ୍ରାଥମିକତା ପାଉଛି ।

ଅଳ୍ପଦିନ ତଳେ ସୀମାନ୍ତବର୍ତ୍ତୀ ଗଲୱାନ୍ ଉପତ୍ୟକାରେ ଚୀନା ସୈନ୍ୟମାନେ ହାମ୍‌ଲା କରି ଆମର ଆଞ୍ଚଳିକ ଅଖଣ୍ଡତାକୁ ଚୋଟ ପକାଇବାକୁ ଚେଷ୍ଟା କରିଥିଲା । ଭାରତର ଯବାନମାନେ ତାହାର କଡ଼ା ଜବାବ ଦେଇ ଚୀନକୁ ଶକ୍ତ ସ୍ଥିତିରେ ପକାଇଥିଲେ । ତାହା ସତ୍ତ୍ୱେ ଚୀନ ଆମ ଦେଶର କିଛି ଇଲାକାକୁ ନିଜ ନିୟନ୍ତ୍ରଣରେ ରଖିଛି । ଦୁଇ ଦେଶ ଭିତରେ ମିଲିଟାରୀ ଅଧିକାରୀସ୍ତରୀୟ ନିଷ୍ପତ୍ତିକୁ ମଧ୍ୟ ଅମାନ୍ୟ କରିବାକୁ ଚୀନ ନାରାଜ ଅଛି । ଏପଟେ ପାକିସ୍ତାନ କ୍ରମାଗତ ଭାରତ ବିରୋଧୀ ଷଡ଼ଯନ୍ତ୍ରର କଳା କାରବାର ଛାଡ଼ିନାହିଁ । ତାହାର ପୁରୁଣା ଖୋଇ ବରାବର ରଖିଛି, ତାହା କେବଳ ନୁହେଁ; ବରଂ ଭାରତ ବିରୋଧୀ ଷଡ଼ଯନ୍ତ୍ରର ଜାଲ ବିଛାଇ ଅସ୍ଥିରତା ସୃଷ୍ଟିରେ ଲାଗିଡପଡ଼ିଛି । ଆଇଏସଆଇ ସୁବିଧା ସୁଯୋଗ ଦେଖି ଭାରତରେ ଗୁପ୍ତଚରମାନଙ୍କୁ କାମରେ ଲଗାଇ ଫାଇଦା ଉଠାଇବାରେ ଲାଗିଛି । ସୀମାନ୍ତରେ ବାରମ୍ବାର ଅନୁପ୍ରବେଶ ଓ ଗୁଳିଗୋଳା ପ୍ରୟୋଗ ଭଳି ଅବାଞ୍ଛିତ କାର୍ଯ୍ୟରେ ହିଜ୍‌ବୁଲଠାରୁ ଆରମ୍ଭ କରି ଜୈସ୍ ସଂଗଠନ ଲାଗିଥିବାର ଅନେକ ପ୍ରମାଣ ରହିଛି । ଦିନକ ତଳେ ଆନ୍ତର୍ଜାତିକ ସ୍ତରରେ ସକ୍ରିୟ ଥିବା ଇସ୍ଲାମିକ୍ ଷ୍ଟେଟ୍ (ଆଇଏସ୍) ରାଷ୍ଟ୍ରବିରୋଧୀ ଷଡ଼ଯନ୍ତ୍ରରେ ଲିପ୍ତ ଥିବାର ପ୍ରମାଣ ମିଳିଛି । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ବଡ଼ଧରଣର ହମ୍‌ଲା କରିବାକୁ ହେଉଥିବା ଷଡ଼ଯନ୍ତ୍ର ଧରାପଡ଼ିଛି । ଆଇଏସ୍ ଆତଙ୍କୀ ଅବୁ ୟୁସୁଫ୍‌କୁ ଗିରଫ କରାଯିବା ସହ ବହୁ ମାରଣାସ୍ତ୍ର ତଥା ବିସ୍ଫୋରକ ଜବତ କରାଯାଇଛି । ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଆଇଏସ୍ ଏଥିନେଇ ଉତ୍‌କ୍ଷିପ୍ତ ରହିଛି । ଷଡ଼ଯନ୍ତ୍ରକାରୀକୁ ଧରାଯିବା ପୂର୍ବରୁ ପୁଲିସ ସହ ଗୁଳିବିନିମୟ ହୋଇଥିଲା ଏବଂ ସେଥିରେ ଆତଙ୍କୀ ୟୁସୁଫ୍ ଆହତ ହୋଇଛି । ଭାରତର ସାର୍ବଭୌମତ୍ୱ ଓ ଆଞ୍ଚଳିକ ପ୍ରଭୁତା ଉପରେ ଏକାଧିକ ବାର ଆକ୍ରମଣର ଅପଚେଷ୍ଟା ହୋଇଛି । ଏହି ଆକ୍ରମଣର ଅସଲ ନାଭିକେନ୍ଦ୍ର ରହିଛି ପାକିସ୍ତାନ ଓ ଅନ୍ୟ ଇସ୍ଲାମିକ ଦେଶରେ । କରୋନା ବିରୋଧୀ ଚାପ ଭିତରେ ଏହି ଷଡ଼ଯନ୍ତ୍ରର ମୁକାବିଲା ପାଇଁ ସରକାର ତତ୍ପର ଥିଲେ ମଧ୍ୟ ଦେଶ ଭିତରେ ରହି କିଛି ଅପଶକ୍ତି ଘୃଣ୍ୟ ଷଡ଼ଯନ୍ତ୍ରର ଇନ୍ଧନ ଢାଳିବାରେ ଲାଗିଛନ୍ତି । ରାଷ୍ଟ୍ରର ସ୍ୱାର୍ଥ ପାଇଁ ସଚେତନ ଶକ୍ତିସମୂହ କଥିତ ଚକ୍ରାନ୍ତର ଠିକଣା ଜବାବ ଦେବେ । ସରକାର ସେନାବାହିନୀ ସେମାନଙ୍କର ଦାୟିତ୍ୱ ଏମିତିରେ ତୁଲାଉଛନ୍ତି । କିନ୍ତୁ ତାହାବାଦ୍ ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଅପଶକ୍ତିଙ୍କ ଚକ୍ରାନ୍ତ ନେଇ ସଚେତନତା ଜାଗ୍ରତ କରାଯିବା ଅଧିକ ଜରୁରି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଅପଶକ୍ତିସମୂହଙ୍କ ବରୋଧରେ ଯାହା ଯେତିକି ପଦକ୍ଷେପ ନିଆଯାଉଛି, ତାହାକୁ ପର୍ଯ୍ୟାପ୍ତ କୁହାଯାଇପାରିବ ନାହିଁ । ଆତଙ୍କୀମାନଙ୍କ ମୁକାବିଲା ପାଇଁ ତତ୍ପର ପୁଲିସ ଓ ଯବାନମାନେ ଡାଳେ ଡାଳେ ଯାଉଥିବାବେଳେ ଅପଶକ୍ତିମାନେ ଯାଉଛନ୍ତି ପତରେ ପତରେ । ଆଧୁନିକ ପ୍ରଯୁକ୍ତି କୌଶଳର ଉପଯୋଗରେ ହୁଏତ ସରକାର ପଛରେ ଥାଇପାରନ୍ତି, କିନ୍ତୁ ଆତଙ୍କୀ ଓ ଷଡ଼ଯନ୍ତ୍ରକାରୀମାନେ ଯଥେଷ୍ଟ ଆଗରେ କୁହାଯାଇପାରିବ । ସୀମାନ୍ତରର ଜାଗ୍ରତ ପ୍ରହରୀମାନଙ୍କୁ ଅତ୍ୟାଧୁନିକ ସାଧନ ଯୋଗାଉଥିବା ବେଳେ ଦେଶ ଭିତରେ ଥିବା ବ୍ୟବସ୍ଥାକୁ ଅବ୍ୟବସ୍ଥିତ କରିବା ପାଇଁ ଲାଗିପଡ଼ିଥିବା ତତ୍ତ୍ୱମାନଙ୍କ ମୁକାବିଲା ପାଇଁ ସମୁଚିତ ବ୍ୟବସ୍ଥା ହେବା ଆବଶ୍ୟକ ।

# ଦେଶ ବିଭାଜନର ଅକୁହା କଥା

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**




୧୯୧୯ ମସିହାରେ ମହାତ୍ମା ଗାନ୍ଧୀ ଭାରତକୁ ଫେରିଲା ପରେ ସବୁ ବଦଳି ଗଲା । ଚାଲିଥିବା ପ୍ରଥମ ବିଶ୍ୱଯୁଦ୍ଧ ପାଇଁ ଗାନ୍ଧିଙ୍କର ଇଂରେଜ ସରକାର ପାଇଁ ସୈନ୍ୟ ସଂଗ୍ରହ ପାଇଁ ଉଦ୍ୟମ କୁ ବିରୋଧ କରି ଜିନ୍ନା କହିଲେ, "People must realize they are equal citizen of Empire" । କିଛି ବର୍ଷ ପରେ ଦ୍ୱିତୀୟ ମହାଯୁଦ୍ଧ ବେଳେ ଘଟଣା ଓଲଟି ଗଲା । ଗାନ୍ଧୀ ଯୁଦ୍ଧରେ ସହଯୋଗକୁ ବିରୋଧ କଲେ। ଜିନ୍ନା ଇଂରେଜ ମାନଙ୍କୁ ଅକୁଣ୍ଠ ସମର୍ଥନ କଲେ। "A Nation can not fight when in chains-Gandhi"। ଗାନ୍ଧି ଅଳ୍ପ ଦିନ ମଧ୍ୟରେ ଯେପରି ଲୋକମାନଙ୍କୁ ନିଜ ଆଡକୁ ଆକର୍ଷିତ କଲେ ତାହା ଜିନ୍ନାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କଲା ।


ସ୍ୱାଧିନତା ର ୭୪ ବର୍ଷ ପରେ ମଧ୍ୟ ଅଖଣ୍ଡ ଭାରତ ର କୋଟିକୋଟି ନାଗରିକ ବିଭାଜନ ରୂପି ଦୃଃସ୍ୱପ୍ନର ଭୟାବହତାରୁ ମୁକ୍ତି ପାଇ ନାହାନ୍ତି। ନିଜର ପ୍ରିୟ ଜନ୍ମ ଭୁମି କୁ ବିଭାଜନ ଦ୍ୱାରା ବିକଳାଙ୍ଗ କରି, ଦେଶରେ ରକ୍ତର ନଈ ବୁହାଇ ଦେବାରେ କେଉଁମାନେ ଦାୟି ? ଏବେବି ସେମାନଙ୍କ ମନରେ ପ୍ରଶ୍ନବାଚୀ ହୋଇ ରହିଛି। ଅଧିକାଂଶ ଭାରତୀୟ ବିଭାଜନରୂପି ମହାନାଟକର ମୁଖ୍ୟ ଖଳନାୟକ ରୂପେ ପାକିସ୍ଥାନର ପ୍ରତିଷ୍ଠାତା ତଥା ମୁସଲିମ ଲିଗ ର ଆଜିବନ ସଭାପତି ମହମ୍ମଦ ଅଲ୍ଲୀ ଜିନ୍ନା(କ୍ୱାଇ-ଇଦ ଆଜାମ) ଙ୍କୁ ହିଁ ଦାୟି କରନ୍ତି । ସତେ ଯେମତି ଏକ ଝଡର ଇଗଲ ଭଳି ସେ ମାତୃଭୂମିର ବିଭାଜନ ଓ ରକ୍ତର ନଦୀ ବୁହାଇବାର ଲକ୍ଷ୍ୟ ନେଇ ଏ ଧରାରେ ଜନ୍ମ ନେଇଥିଲେ । ତାଙ୍କ ଲକ୍ଷ୍ୟ ପଥରେ ଥିବା ହିମାଳୟ ଭଳି ବାଧାକୁ ସେ ଯେପରି ଅନାୟସ ରେ ଅତିକ୍ରମ କରିଗଲେ, ତାହା ବିଶ୍ୱ ରାଜନିତୀ ଇତିହାସରେ ଏକ ବିସ୍ମୟ । ଇତିହାସ ଚଣ୍ଡାଶୋକ, ଧର୍ମାଶୋକ, ରତ୍ନାକର ଦସ୍ୟୁ ବାଲ୍ମିକୀ ହେବା ଦେଖିଛି, ମାତ୍ର ଜିନ୍ନାଙ୍କ ଠାରେ ଏହି ଗତି ବିପରିତ ଦିଗରେ ଗତିକରି ଅତି ଆଧୂନିକ ବାଦୀ, ଉଦାର ଚେତା ଜିନ୍ନାଙ୍କୁ ଧର୍ମାନ୍ଧ ରକ୍ତ ପିପାସୁରେ ପରିଣତ କରିଛି । ତାଙ୍କୁ "Evil Genius' a madman, spoiled child" ଆକ୍ଷେପ କରୁଥିବା ରାଜନୈତିକ ପ୍ରତିଦ୍ୱନ୍ଦି ମାନଙ୍କୁ ପରାସ୍ତ କରି ସେ ନିଜର ଲକ୍ଷ୍ୟ ସ୍ଥଳରେ ପହଂଚି କହିଥଲେ, "I and my clerk single handedly created Pakistan" ।

ମହମ୍ମଦ ଅଲ୍ଲୀ ଜିନ୍ନା ଆଦ୍ୟ ଜୀବନରେ ଆଦୌ ରକ୍ଷଣଶୀଳ ଓ ଧର୍ମାନ୍ଧ ନଥିଲେ । ସେ ଗାନ୍ଧୀ (ଗାନ୍ଧୀଙ୍କ ଠାରୁ ୬ବର୍ଷ ସାନ)ଙ୍କ ଜନ୍ମ ସ୍ଥାନ କାଥିଆବାଡର ଇସମାଲିଆ ସିଆ, ଖୋଜା ସଂପ୍ରଦାୟର ଲୋକ ଥିଲେ । ସିଆ ମାନେ ସୁନ୍ନୀଙ୍କ ଠାରୁ ଉଦାର ମତର ସଂପ୍ରଦାୟ । ଜିନ୍ନାଙ୍କ ପୂର୍ବ ପୁରିଷ ହିନ୍ଦୁ ଥିଲେ । ସେ ଜଣେ ବିଚକ୍ଷଣ ଓକିଲ(ଲଣ୍ଡନର ଇନରଟେମ୍ପଲ) ହୋଇ ଅଜସ୍ର ଅର୍ଥର ମାଲିକ ହୋଇଥିଲେ । ବମ୍ବେର ମାଲବାର ହିଲ ଠାରେ ତାଙ୍କର ଏକ ସୁରମ୍ୟ ମାର୍ବଲ ଅଟ୍ଟାଳିକା ଥିଲା (ବର୍ତମାନ ତାହା ବ୍ରିଟିଶ ଡେପୁଟି ହାଇକମିଶନ ଅଫିସ)। ଦିଲ୍ଲୀର ତାଙ୍କର ସୌଖିନ ବଙ୍ଗଳା ଏବେ ରୟାଲ ଡଚ ଏମ୍ବାସି ହୋଇଅଛି । ସେ ୟୁରୋପୀୟ ଚଳଣିରେ ଅଭ୍ୟସ୍ତ ଥିଲେ । ସବୁବେଳେ ଇଂରାଜିରେ କଥା ହଉଥିଲେ। ପୋଷାକରେ ପୂରା ସାହେବି ଥିଲେ । ତାଙ୍କ ସୌଖିନ ସୁଟ ଲଣ୍ଡନରେ ତିଆରି ହେଉଥିଲ । ସେ ନମାଜ ପାଠ କରୁନଥିଲେ କିମ୍ବା କୋରାନ ପଢୁନଥିଲେ। ମଦ୍ୟପାନ ସହ ସବୁବେଳେ ଚୁରୁଟ ଟାଣୁଥିଲେ। ଏପରିକି ଇସଲାମ ଧର୍ମରେ ନିଷିଦ୍ଧ ଘୁଷୁରି ମାଂସ ମଧ୍ୟ ଖାଉଥିଲେ । ସେ ବମ୍ବେ ରେ ଥିଲାବେଳେ ଫିରୋଜ ସାହା ମେହେଟାଙ୍କ ପାଖରେ ଜୁନିଅର ଥିଲେ ଓ କଂଗ୍ରେସର ଚରମ ପନ୍ଥୀ ନେତା ବାଳ ଗଙ୍ଗାଧର ତିଳକ ଙ୍କ ପକ୍ଷରେ ଦେଶଦ୍ରୋହ ମାମଲାରେ ତାଙ୍କ ସପକ୍ଷରେ ଲଢିଥିଲେ। ୧୯୧୦ ମସିହାରେ ସେ ବମ୍ବେର ମୁସଲମାନଙ୍କ ତରଫରୁ ଇମ୍ପେରିଆଲ କାଉନସିଲକୁ ନିର୍ବାଚିତ ହୋଇଥିଲେ । ସେ ଆଗ୍ରହରେ କଂଗ୍ରେସ ଦଳରେ ମିଶିଥିଲେ ଓ ଆଗା ଖାଁ (ସିଆ ଧର୍ମଗୁରୁ), ସୟଦ ଅହମଦ ଖାଁ ( ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା,୧୮୭୭) ଙ୍କ ଦ୍ୱାରା ୧୯୦୬ ରେ ପ୍ରତିଷ୍ଠିତ ମୁସଲିମ ଲିଗର ସ୍ୱତନ୍ତ୍ର ନିର୍ବାଚନ ପ୍ରକ୍ରିୟା ଦାବିର "Separate Electorate" ବିରୋଧି ଥିଲେ । ୧୯୧୬ ମସିହାରେ ତାଙ୍କ ଉଦ୍ୟମ ରେ ଲିଗ ଓ କଂଗ୍ରେସ ଦଳ ମଧ୍ୟରେ ଚୁକ୍ତି ହୋଇ ସ୍ୱତନ୍ତ୍ର ନିର୍ବାଚନ ଦାବିକୁ ଲିଗ ପ୍ରତ୍ୟାହାର କଲା । ସେଥିପାଇଁ ସରୋଜିନି ନାଇଡୁ ତାଙ୍କୁ ଆମ୍ବାସାଡର ଅଫ୍ ହିନ୍ଦୁ ମୁସଲିମ ୟୁନିଟ ବୋଲି ଡାକିଥିଲେ । ୧୯୧୯ ମସିହାରେ ଲିଗ ଖିଲାପତ ଆନ୍ଦୋଳନକୁ ସାହାଯ୍ୟ କରିବାରୁ ସେ ମୁସଲିମଲିଗ ଦଳରୁ ଇସ୍ତଫା ଦେଲେ । ଜିନ୍ନା ମୁସଲିମ ମାନଙ୍କୁ ଆହ୍ୱାନ ଦେଇ କହିଲେ, "Do not scared away from co-operation of Hindu comunity, which is essential for establishment of self-rule" ।

୧୯୧୯ ମସିହାରେ ମହାତ୍ମା ଗାନ୍ଧୀ ଭାରତକୁ ଫେରିଲା ପରେ ସବୁ ବଦଳି ଗଲା । ଚାଲିଥିବା ପ୍ରଥମ ବିଶ୍ୱଯୁଦ୍ଧ ପାଇଁ ଗାନ୍ଧିଙ୍କର ଇଂରେଜ ସରକାର ପାଇଁ ସୈନ୍ୟ ସଂଗ୍ରହ ପାଇଁ ଉଦ୍ୟମ କୁ ବିରୋଧ କରି ଜିନ୍ନା କହିଲେ, "People must realize they are equal citizen of Empire" । କିଛି ବର୍ଷ ପରେ ଦ୍ୱିତୀୟ ମହାଯୁଦ୍ଧ ବେଳେ ଘଟଣା ଓଲଟି ଗଲା । ଗାନ୍ଧୀ ଯୁଦ୍ଧରେ ସହଯୋଗକୁ ବିରୋଧ କଲେ। ଜିନ୍ନା ଇଂରେଜ ମାନଙ୍କୁ ଅକୁଣ୍ଠ ସମର୍ଥନ କଲେ। "A Nation can not fight when in chains-Gandhi"।

ଗାନ୍ଧି ଅଳ୍ପ ଦିନ ମଧ୍ୟରେ ଯେପରି ଲୋକମାନଙ୍କୁ ନିଜ ଆଡକୁ ଆକର୍ଷିତ କଲେ ତାହା ଜିନ୍ନାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କଲା। ସେ ଗାନ୍ଧିଙ୍କର ଅହିଂସା, ଅସହଯୋଗ, ଆଇନ ଅମାନ୍ୟ, ଖଦି ବସ୍ତ୍ର ପିନ୍ଧିବା ପାଇଁ ଆହ୍ୱାନ, ବିଦେଶୀ ବସ୍ତ୍ର ବର୍ଜନକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ଏହାକୁ ପାଗଳାମି ଓ ସରଳ ଅଶିକ୍ଷିତ ଲୋକଙ୍କ ଆବେଗ ସହ ଖେଳ ବୋଲି ଆକ୍ଷେପ କଲେ, "Stop such nonsense before it is late" ।୧୯୨୦ ମସିହାରେ ନାଗପୁର ଠାରେ ଡିସେମ୍ବର ମାସରେ କଂଗ୍ରେସ ଅଧିବେଶନ ବସିଲ । ଅଧିବେଶନ ରେ ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ସର୍ବବ୍ୟାପି ଥିଲା । ସଭ୍ୟ ମାନେ ଗାନ୍ଧିଙ୍କ ନିର୍ଦ୍ଦେଶରେ ଶୁଭ୍ର ଖଦଡ ପିନ୍ଧି ତଳେ ବସିଲେ । ଅସହେଯାଗ ଆନ୍ଦୋଳନ କୁ ବହୁମତରେ ଗ୍ରହଣ କରାଗଲା । ଜିନ୍ନା ସଂପୂର୍ଣ୍ଣ ସାହେବି ପୋଷାକ ପିନ୍ଧି ନିଜର ଅଳ୍ପ ବୟସ୍କା ସୁନ୍ଦରୀ ସ୍ତ୍ରୀ କିଟି(ଜିନ୍ନାଙ୍କ ବନ୍ଧୁ ପାର୍ସୀ ଧନକୁବେର ଦିନେଶ ପେଟିଙ୍କ କନ୍ୟା) କୁ ଧରି ଅଧିବେଶନ କୁଯାଇଥିଲେ । ନିଜ ବ୍ୟକ୍ତିତ୍ୱର ଝଲକରେ ସ୍ତ୍ରୀ କୁ ଅବିଭୂତ କରିବା ତାଙ୍କର ଇଛା ଥିଲା । ନିଜର ଭାଷଣରେ ଗାନ୍ଧୀଙ୍କ ନିତୀକୁ ସମାଲୋଚନା କରି ଜିନ୍ନା ବ୍ୟକ୍ତବ୍ୟ ଦେଲେ । ତାଙ୍କୁ ମିଃ ଗାନ୍ଧି ବୋଲି ସମ୍ବୋଧନ କରିବାରୁ ସଭ୍ୟ ମାନେ ତାଙ୍କୁ ବାଧା ଦେଲେ । ଡାଉନ ଡାଉନ ବୋଲି ପାଟି କଲେ ହୁଇସିଲ ମାରିଲେ। "Not Mr.Gandhi, call Mahtma Gandhi" । ସୌକତ ଅଲ୍ଲି ଜିନ୍ନା ଙ୍କୁ ଧକ୍କା ମାରିଲେ। ସ୍ତ୍ରୀଙ୍କ ଆଗରେ ଅପମାନିତ ଜିନ୍ନା ମନ ଦୁଖଃ ଓ କ୍ଷୋଭରେ ସଭାସ୍ଥଳ ପରିତ୍ୟାଗ କଲେ । ଗାନ୍ଧି ନିରବ ଦର୍ଶକ ସାଜି ଚୁପ ରହିଲେ। ଏହା ପରେ ମଧ୍ୟ ଜିନ୍ନା କଂଗ୍ରେସ ଛାଡି ନଥିଲେ । ୧୯୨୮ ମସିହାରେ କଲିକତା ଅଧିବେଶନରେ ସେ ଯୋଗ ଦେଇ ମୁସଲିମ ମାନଙ୍କୁ ୨୭ ଶତକଡା ସ୍ଥାନ ବଦଳରେ ୩୩ ଶତକଡା ଦେବା ପାଇଁ ଅନୁରୋଧ କଲେ । ଏହା ଫଳରେ ଦୁଇ ସଂପ୍ରଦାୟ ମଧ୍ୟରେ ସଦଭାବ ପ୍ରତିଷ୍ଠା ହେବ । ସ୍ୱତନ୍ତ୍ର ନିର୍ବାଚନ ଦାବି ସବୁଦିନ ପାଇଁ ମୁସଲମାନ ମାନେ ପରିହାର କରିବେ । "Spoilt child, Naughty child" ବୋଲି ଆକ୍ଷେପ କରାଗଲା। ମନଦୁଃଖରେ କଂଗ୍ରେସ ର ସଭାସ୍ଥଳୀ ରୁ ସିଧା ଜିନ୍ନା ମୁସଲିମ ଲିଗ ଅଧିବେଶନରେ ପହଂଚିଲେ । ସେଠାରେ ସେ ଦଳେ ଅତି ରକ୍ଷଣ ଶୀଳ ଧର୍ମାନ୍ଧ ମୁସଲମାନ ଜମିଦାର ଓ ନବାବ ଗୋଷ୍ଠିଙ୍କୁ ଦେଖିଲେ ଓ ମନଉଣା କରି ଫେରିଗଲେ । ଏହା ମଧ୍ୟରେ ତାଙ୍କର ପରିବାର ର ବିପର୍ଯ୍ୟୟ ଘଟିଲା । ସ୍ତ୍ରୀ ତାଙ୍କୁ ପରିତ୍ୟାଗ କରି ତାଜମହଲ ହୋଟେଲ କୁ ଚାଲିଗଲେ ଓ ଅଳ୍ପ ଦିନ ପରେ ମରିଗଲେ।

ଭଗ୍ନ ହୃଦୟ ଜିନ୍ନା ବିଲାତ ଫେରିଗଲେ। ବିଲାତରେ ସେ ଆଇନ ବ୍ୟବସାୟରେ ମନଦେଲେ । ୮ ଏକର ପରିମିତ ଲଣ୍ଡନର ହାମଷ୍ଟେଡ ଠାରେ ସୌଖିନ ବଙ୍ଗଳା ତିଆରି କଲେ, ସମ୍ଭ୍ରାନ୍ତ ହୋଟେଲରେ ଲର୍ଡ, ଅର୍ଲନାଇଟ ମାନଙ୍କ ସହ ଡିଅରସ କଲେ । ମାତ୍ର ଭାରତର ଅପମାନ ତାଙ୍କ ମନରେ ଅଲିଭା କ୍ଷତ ହୋଇ ରହିଗଲା । ୧୯୩୩ ମସିହାରେ ନେହେରୁ ଲଣ୍ଡନରେ ଗ୍ରସ୍ତ କଲା ବେଳେ ଏକ କକେଟଲ ପାର୍ଟିରେ ଜିନ୍ନାଙ୍କ ସହ ସାକ୍ଷାତ ହେଲା । ତାଙ୍କୁ ଆକ୍ଷେପ କରି ନେହେରୁ ଜଣେ ବନ୍ଧୁଙ୍କୁ,"This man is politicaly finished" ବୋଲି କହୁଥିବାର ଜିନ୍ନା ଶୁଣି ପାରିଲେ । ତାଙ୍କର ସୁପ୍ତ ସ୍ୱାଭିମାନ ଉଜ୍ଜିବିତ ହୋଇ ଉଠିଲା । ସେ ଭାରତକୁ ଆସିପୁଣି ଭାଗ୍ୟ ପରୀକ୍ଷା କରିବାକୁ ସ୍ଥିର କଲେ । ମୁସଲିମ ଲିଗର ନେତା ଲିଆକତ ଅଲି ଖାଁ ତାଙ୍କ ବେଗମଙ୍କ ସହ ଜିନ୍ନାଙ୍କୁ ସାକ୍ଷାତ କରି ଭାରତ ଫେରିଆସି ମୁସଲିମ ଲିଗର ଆଜୀବନ ସଭାପତି ପଦ ଗ୍ରହଣ କରିବାକୁ ଅନୁରୋଧ କଲେ। ଖୁବଶିଘ୍ର ଦେଶରେ ଗଣତାନ୍ତ୍ରିକ ନିର୍ବାଚନ ହେବ (୧୯୩୭)। କଂଗ୍ରେସର ଗାନ୍ଧି ଙ୍କୁ ଟକ୍କର ଦେବାକୁ ଜିନ୍ନା ଏକମାତ୍ର ବ୍ୟକ୍ତି, ଏହା ଭାରତର ମୁସଲମାନଙ୍କର ମତ । ଜିନ୍ନା ରାଜି ହୋଇ ନିଜର ଘର ବିକିଦେଇ ଭାରତକୁ ଦ୍ୱିତୀୟ ଥର ଭାଗ୍ୟ ପରୀକ୍ଷାପାଇଁ ଫେରିଆସିଲେ । ବିଭାଜନ ପ୍ରକ୍ରିୟାର ମୁଳୁଦୁଆ ପଡିବା ଆରମ୍ଭ ହେଲା।


+ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ,
ମୋ: ୯୪୩୭୨୩୫୩୮୬




## ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ

**ମଧୁସ୍ମିତା ସେନାପତି**

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ନୂତନ ପରିକଳ୍ପନାର କରିବା ସଞ୍ଚାର
ଉପଭୋଗ କରିବା ଆମେ ମୌଳିକ ଅଧିକାର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ଆମ ଦେଶରେ କେହି ରହିବା ନାହିଁ ନିରକ୍ଷର
ପାଠପଢ଼ି ଆମେ ହୋଇବା ମଧୁବାରିଷ୍ଟର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ଜାଣି ରଖ ଭାରତ ହେଉଛି ଆମ ପରିବାର
ଭାରତମାତାର ସ୍ୱପ୍ନକୁ କରିବା ଆମେ ସାକାର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ଭୁଲି ବାନି କେବେ ଆମେ
ଦେଶ ପ୍ରତି ଥିବା କର୍ତ୍ତବ୍ୟ ଆମର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ପଢ଼ିବା ଆମେ, ଆଗକୁ ବଢ଼ିବା ଆମେ
ଦେଶକୁ ଗଢ଼ି ତୋଳିବା ହୋଇ ନିଷ୍ପାପର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯିବପିଢ଼ି ଏ ଦେଶର ନୂଆ ଆସର
ସମୟ ଆସିଛି ଏବେ
ଭାରତକୁ କରିବା ଆତ୍ମନିର୍ଭର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ବିଦେଶୀ ଦ୍ରବ୍ୟକୁ କରି ବର୍ଜନ
ଲୋକାଲ ପାଇଁ ଭୋକାଲ ହେବା
ନିଜ ମନକୁ କରି ନିଅ ସ୍ଥିର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥

ଆମେ ଯୁବପିଢ଼ି ଏ ଦେଶର ନୂଆ ଆସର
ଗଢ଼ି ତୋଳିବା ଭାରତକୁ କରି ଅତି ସୁନ୍ଦର
ଭାରତର ସ୍ୱପ୍ନକୁ ଆମେ କରିବା ସାକାର
ଆମ ଦେଶର ଇତିହାସକୁ କରିବା ଚିର
ଅମର ॥


+ ଫୁଲନଖରା, କଟକ
ଛାତ୍ରୀ-ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୮୧୧୭୯୯୦୫୭୮


# ତୃପ୍ତି

**ପଙ୍କଜ କୁମାର ପାଣିଗ୍ରାହୀ**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଅନୁଭବ କରୁଥିବା ମଧ ଦେଖୁବାକୁ ମିଳେ ଆମର ଏହି ବୈଚିତ୍ର୍ୟମୟ ମଣିଷ ସମାଜରେ ! ଅର୍ଥାତ ଅନେକ ଲୋକଙ୍କୁ ତୃପ୍ତିର ଅସଲ ସଜ୍ଞା ଅନୁଭୂତ ନହୋଇ କେବଳ ଅନୁକରଣରୁ ମନକୁ ବୁଝାଇ ତୃପ୍ତ ହେଉଥିବା ଏକ ବିଚିତ୍ର ଅନୁଭୂତି ଯାହା ତର୍ଜମା କରିବା ସମ୍ଭବ ସାପେକ୍ଷ ନୁହେଁ । ତଥାପି ଯଦି ଆମେ ବାସ୍ତବତାର ଅନୁଶୀଳନ କରି କାହାକୁ ସତ୍ୟ ପ୍ରକାଶ କରିବାକୁ ଚେଷ୍ଟା କଲେ ସମ୍ପୃକ୍ତ ମଣିଷ ଦ୍ୱନ୍ଦ ମଧରେ ତାକୁ ଗ୍ରହଣ କରିଥାଏ / କରିନଥାଏ ତାହାର ନିଜସ୍ୱ ବିଚାରଧାରାକୁ ନେଇ । ଅର୍ଥାତ କିଏ କେତେବେଳେ କାହିଁକି କେତିକି ପରିମାଣର ତୃପ୍ତି ଅନୁଭବ କରିଥା'ନ୍ତି ଏବଂ ତାହାର ଉପଯୁକ୍ତତା, ଯୁକ୍ତିଯୁକ୍ତତା ବ୍ୟାଖ୍ୟା କରିବା ଅତ୍ୟନ୍ତ କଷ୍ଟକର ।

କିନ୍ତୁ ଅନେକ ସମୟରେ କେତେକ ମଣିଷ ନିଜର ନିର୍ବୋଧତାକୁ ପ୍ରତ୍ୟାଖ୍ୟାନ କରି ବାସ୍ତବତା ଆଡକୁ ମୁହାଁଇ ରହସ୍ୟର ସତ୍ୟାସତ୍ୟ ଜାଣିବା ପରେ ତୃପ୍ତି ଅନୁଭବ କରୁଥିବା ବେଳେ ଅଧିକାଂଶ ମଣିଷ କୌଣସିମତେ ନିଜକୁ କିଛି ଅଲୌକିକ ଅନୁଭବ ହେଲେ କିମ୍ବା ଆନନ୍ଦ ଦାୟକ ସ୍ୱର୍ଷ ମିଳିଲେ ତୃପ୍ତି ଅନୁଭବ କରିଥା'ନ୍ତି ଯେଉଁଥିରେ ବାସ୍ତବତା ଅଛିକି ନାହିଁ ବୁଝିନଥିଲେ ମଧ ନିଜସ୍ୱ ସୀମିତ ଜ୍ଞାନକୁ ନେଇ ଅସୀମ ତୃପ୍ତି ଅନୁଭବରେ ଯଥେଷ୍ଟ ନିମଗ୍ନ ରହୁଥିବା ଦେଖିବାକୁ ମିଳେ । ହେଲେ ବାସ୍ତବିକ ସତ୍ୟର ଅନୁସନ୍ଧାନ କରି ପ୍ରକୃତ ତୃପ୍ତିକୁ ଅନୁଭବ କରିବା ସମ୍ଭବ ନୁହେଁ ନା ନିର୍ବୋଧ ମଣିଷ ଅନ୍ୟ କିଛି କାରଣରୁ ସୀମିତ ତୃପ୍ତି ମଧରେ ନିଜକୁ ହଜାଇଦେଇ ସେଇଠାରେ ଶେଷ କରିଦିଏ ନିଜ ଜୀବନର ସବୁକିଛି ? ତର୍ଜମା କଲେ ଜାଣିହେବଯେ............

ପ୍ରକୃତ ପକ୍ଷେ ମଣିଷ ଯଦି ସତ୍ୟକୁ ଖୋଜି ତାହାର ବାସ୍ତବତାର ରହସ୍ୟ ଉନ୍ମୋଚନ କରିପାରିବ ତାହେଲେ ସେଥିରୁ ନୈସର୍ଗିକ ତୃପ୍ତି ମିଳିବା ସମ୍ଭାବନା ଯଥେଷ୍ଟ ଅଧିକ । ଆଜିକାଲିର ଅସ୍ଥିର ପରିବେଶରେ ମଣିଷ ନିଜର ମାନସିକ ଅସ୍ଥିରତାରେ ପ୍ରକମ୍ପିତ ସବୁସମୟରେ ଅବାସ୍ତବ, ଅପ୍ରାକୃତିକ, ଅଲୌକିକ ଉପାୟରେ ତୃପ୍ତିର ଅନୁସନ୍ଧାନରେ ଏତେ ନିମଗ୍ନ ହୋଇଯାଇଛିଯେ ତାକୁ ବାସ୍ତବତାର ରଙ୍ଗ ସବୁ ଘନ ଅନ୍ଧାରର କଳା ଭଳି ଦିଶୁଛି । ପାଶ୍ଚାତ୍ୟର ଶଢଯାନ୍ତ୍ରିକ ପ୍ରରୋଚନାରେ ଭାରତୀୟ ସଂସ୍କୃତିର ମୂଳପିଣ୍ଡ ବିଲୀନ ହୋଇ ଏକପ୍ରକାର ଅତ୍ୟାଧୁନିକ ଉନ୍ନତିର ପରିକଳ୍ପନା ମଣିଷ ବିଚାରକୁ କଳଙ୍କିତ କରିଦେବାରେ ସମସ୍ତେ ପ୍ରାୟ ଏକଦିଗମୁଖୀ ହୋଇ ଅବାସ୍ତବ, ଅପ୍ରାକୃତିକ ଅନୁଭବ ଗୁଡିକୁ ଆପଣେଇଥିବା ଦେଖିବାକୁ ମିଳୁଛି ଯାହା ସେମାନଙ୍କୁ ଯେତିକି ତୃପ୍ତ କରୁଛି ତାହାଠାରୁ ଯଥେଷ୍ଟ ଯନ୍ତ୍ରଣା ଯନ୍ତାରେ ପକାଇ ଅହରହ ଅଶାନ୍ତ କରୁଥିବା ସ୍ୱୀକାରଯୋଗ୍ୟ । ଅଧିକନ୍ତୁ ସେମାନଙ୍କ ସେହି କାର୍ଯ୍ୟକଳାପ ହେତୁ ଶଢଯନ୍ତ୍ରକାରୀ ପାଶ୍ଚାତ୍ୟ କୁଟିଳ ମଣିଷ କେତେଗୁଡିଏ ଯଥେଷ୍ଟ ଲାଭ ପାଉଥିବା ଏହିମାନେ କୌଣସି ଦିଗରୁ ବୁଝିନପାରି ଉପଭୋଗ କରୁଥିବା ଆନନ୍ଦ ଗୁଡିକୁ ସେମାନଙ୍କ ଦେୟ ଏବଂ କଷ୍ଟ ଗୁଡିକ ନିଜର କର୍ମ ଦୋଷ ବୋଲି ଭାବି ଗ୍ଳଲିଥିବା ଅତ୍ୟନ୍ତ ଦୁଃଖର ବିଷୟ। ବର୍ତ୍ତମାନର ସମୟ ଏମିତି ହୋଇଯାଇଛିଯେ ସେଇଥିରୁ ନିସ୍ତାର ନଥିବା ସ୍ୱୀକାରଯୋଗ୍ୟ । ହେଲେ ବାସ୍ତବିକ ଆମେ କଣ ସେଇଥିରୁ ନିସ୍ତାର ପାଇବା ସମ୍ଭବ ନୁହେଁ ? ଆମ ପୂର୍ବଜଙ୍କ ଅର୍ଜିତ କୀର୍ତ୍ତିରାଜିକୁ ଅନୁକରଣ କରି ବାସ୍ତବ ମଣିଷ ଜୀବନର ପ୍ରାକୃତିକ ସୁଖ, ତୃପ୍ତି ପାଇପାରିବା ନାହିଁ ? ନିଶ୍ଚିତଭାବେ ହଁ ! କାରଣ ଆମ ଦେଶର ଭୌଗଳିକ ପରିବେଶକୁ ନେଇ ଗଠିତ ଆମ ଶରୀର ଏବଂ ବିଚାରଧାରା । ତେଣୁ ଆଜି ମଧ ଅମପାଖରେ ସମୟ ଅଛି ବାସ୍ତବତାକୁ ବୁଝି ପ୍ରକୃତ ମାନବିକ ବିଚାରଧାରାକୁ ନେଇ ଏକ ସଂତୁଳିତ ମଣିଷ ଜୀବନର ପ୍ରାକୃତିକ ତୃପ୍ତି ଅନୁଭବ କରି ସ୍ୱାଚ୍ଛନ୍ଦ୍ୟରେ ଜୀବନ ବଂଚିବା ପାଇଁ । କି'ନ୍ତୁ ତାହା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ଏହିସବୁ ଅପ୍ରାକୃତିକ କୁହେଳିକା ଭିତରୁ ନିଜକୁ ବହିଷ୍କାର କରି ଭାରତୀୟ ସଂସ୍କୃତି ଏବଂ ସଂସ୍କାରକୁ ଆପଣେଇ ବାସ୍ତବତାର ଚିତ୍ର ଆଙ୍କି ଜୀବନକୁ ସାର୍ଥକ କରି ପ୍ରକୃତ ତୃପ୍ତି ପାଇବା ପାଇଁ ପ୍ରୟାସ କରିବା !

ବାସ୍ତବବାଦୀ ଚିନ୍ତନ ଏବଂ ପ୍ରାକୃତିକ ତୃପ୍ତି କେବଳ ନିଜସ୍ୱ ଅନ୍ତର୍ଜ୍ଞାନ ଉଦୟ କରିପାରିଲେହିଁ ସମ୍ଭବ ଯାହା ନିରୀକ୍ଷଣ, ଚିନ୍ତନ ଏବଂ ଧ୍ୟାନରୁ ନିର୍ଗତ ହୋଇଥାଏ ! କେତେ ଶିକ୍ଷା ଅର୍ଜନ କଲେମଧ ଏହିସବୁ ପାଇବା ନିଶ୍ଚିତ ନୁହେଁ ! ଅର୍ଥାତ ଏହି ତିନୋଟି ଅସ୍ତ୍ର ପ୍ରୟୋଗ କରି ମଣିଷ ନିଜ ଜୀବନକୁ ସାର୍ଥକ କରିପାରିବ ଯେତେବେଳେ ତାହାର ନିଜସ୍ୱ ଜିଜ୍ଞାସା ସୃଷ୍ଟି ହେବ । ସେଗୁଡିକୁ ଜାଣି ପ୍ରୟୋଗ କରି ଜୀବନ ସାର୍ଥକ କରି ବାସ୍ତବ ତୃପ୍ତି ଅନୁଭବ କରିପାରିବ ଦେହ ତ୍ୟାଗ କରିବା ପୂର୍ବରୁ । ଏହି ତିନୋଟି ଅସ୍ତ୍ର ସାହାଯ୍ୟରେ ଦୁନିଆର ସବୁକିଛି ଜାଣିବା ସମ୍ଭବ ହୋଇପାରିବ ଯାହା ମଣିଷକୁ ସୃଜନଶୀଳ କରି ଅନ୍ତର୍ଜ୍ଞାନ ଉଦୟ କରିବାରେ ଯଥେଷ୍ଟ ସହାୟକ ହୋଇପାରିବ । କିନ୍ତୁ ପ୍ରଥମେ ନିଜର ଜିଜ୍ଞାସାକୁ ଯଥେଷ୍ଟ ସୁଦୃଢ଼ କରି ଏହି ଅସ୍ତ୍ର ଗୁଡିକର ପ୍ରୟୋଗ ଶିକ୍ଷା କରି କାର୍ଯ୍ୟରେ ଲଗାଇବା ଆରମ୍ଭ କଲେ କେତେଦିନରେ ଯେ ତାହାର ସଫଳତା ମିଳିବ ତାହାର ନିଶ୍ଚିତତା ନିର୍ଭର ସମ୍ପୃକ୍ତ ମଣିଷର କାର୍ଯ୍ୟ ଶୈଳୀ, ଭାବଧାରା ଏବଂ ଏକାଗ୍ରତା ଉପରେ । କିନ୍ତୁ ସମ୍ଭବ ନିଶ୍ଚିତ ! ବାସ୍ତବ ପ୍ରାକୃତିକ ତୃପ୍ତି ଅନୁଭବ କେବଳ ମଣିଷର ତୃତୀୟ ନୟନ ଖୋଲିଲେ ହେବା ସମ୍ଭବ ଯାହା ଏହିସବୁ ପାର୍ଥିବ କ୍ଷଣ ସୁଖରୁ ନିବୃତ କରି ନୈସର୍ଗିକ ସୁଖ ପ୍ରଦାନ କରିବାରେ ସହାୟକ ହୋଇପାରିବ !

ସମ୍ପୃକ୍ତ ଅନୁଶୀଳନିଟି ଉପରେ ଆପଣଙ୍କର ମତାମତ କିମ୍ବା ଜିଜ୍ଞାସା ଥିଲେ ଆମକୁ ଜଣାଇବେ ଯାହାର ଉପଯୁକ୍ତ ପଥ ପ୍ରଦର୍ଶନ ପୂର୍ବକ ଆପଣଙ୍କ ଅନ୍ୟାନ୍ୟ ସଂଶୟ ଦୁରକରିବାରେ ଆମର ସହଯୋଗିତା ରହିବ ନିଶ୍ଚୟ !(ସମାପ୍ତ)

ଧନ୍ୟବାଦ


+ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗାମ.
ଦୂରଭାଷ. ୯୪୩୭୩୨୪୯୧୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ମଙ୍ଗଳବାର, ଅଗଷ୍ଟ ୨୫, ୨୦୨୦

# ସବୁଠାରୁ ଦାମୀ ଚକୋଲେଟ୍




**ଚକୋଲେଟ୍ ଖାଇବାକୁ କିଏ ବା ଭଲ ନପାଏ । ପିଲାଠୁ ବଡ଼ ସଭିଙ୍କର ପସନ୍ଦ ଚକୋଲେଟ୍ । ଟିକେ ଭାବି ଦେଖନ୍ତୁ ଚକୋଲେଟ୍‌ର ଦାମ ଅତି ବେଶିରେ କେତେ ହୋଇଥିବ । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଦାମୀ ବ୍ରାଣ୍ଡର ଚକୋଲେଟ୍ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥାଏ । ଆସନ୍ତୁ ନଜର ପକାଇବା ସେଭଳି କେତୋଟି ଦାମୀ ବ୍ରାଣ୍ଡର ଚକୋଲେଟ ଉପରେ...**

### ଫ୍ୟାବେଲ୍ସ, ଆଇଟିସି:

ଜାଣିଛନ୍ତି କି ସବୁଠୁ ଦାମୀ ଚକୋଲେଟ୍ ପ୍ରସ୍ତୁତ କରିବା ଦେଶ ମଧ୍ୟରେ ଏବେ ଭାରତର ନାଁ ସାମିଲ ହୋଇଯାଇଛି । ଅର୍ଥାତ୍ ଭାରତର ଆଇଟିସି କମ୍ପାନି ଦ୍ୱାରା ପ୍ରସ୍ତୁତ ଚକୋଲେଟ୍ ଫ୍ୟାବେଲ୍ ଏବେ ବିଶ୍ୱର ସବୁଠାରୁ ମୂଲ୍ୟବାନ ଚକୋଲେଟ୍ ପ୍ରସ୍ତୁତ କରୁଛି । ଏହି ଚକୋଲେଟ୍‌ର ଏକ କେଜି ଓଜନର ଗୋଟିଏ ବାକ୍ସର ଦାମ୍ ପ୍ରାୟ ୪ ଲକ୍ଷ ୫୦ ହଜାର ଟଙ୍କା । ବିଶ୍ୱର ସବୁଠୁ ଦାମୀ ଚକୋଲେଟ୍ ଭାବେ ଏହା ଗିନିସ୍ ବୁକ୍‌ରେ ସ୍ଥାନ ପାଇଛି । ଗତବର୍ଷ ଦୀପାବଳି ଅବସରରେ ଆଇଟିସି କମ୍ପାନୀ ତରଫରୁ ଏହି ଚକୋଲେଟ୍ ଲଞ୍ଚ୍ କରାଯାଇଥିଲା । ଏହି ଚକୋଲେଟ୍ ଉପରେ ଏଡିବଲ୍ ଗୋଲ୍ଡ ଅର୍ଥାତ୍ ଖାଇ ହେଉଥିବା ସୁନାର ପତ୍ର ପାଞ୍ଚ ପରସ୍ତ କରି ବ୍ୟବହାର କରାଯାଇଛି । ଏହା ସହିତ ଜାଫରାନ ହାଇଟ୍ ଟ୍ରଫେଲ୍ ମଧ୍ୟ ସଜାଯାଇଛି । ଚକୋଲେଟ୍‌ର ପ୍ୟାକେଟ୍‌ଟି ୫ ହଜାର କ୍ରିଷ୍ଟାଲ୍ ଦ୍ୱାରା ସଜ୍ଜିତ ।




### ସ୍ୱାରୋଭସ୍କି ଡାଇମଣ୍ଡ ଚକୋଲେଟ୍:

ହୀରା ଏବଂ ରତ୍ନପଥରରେ ଅଳଙ୍କାର ତିଆରି କରୁଥିବା କମ୍ପାନି ସ୍ୱାରୋଭସ୍କି ପକ୍ଷରୁ ପ୍ରସ୍ତୁତ କରାଯାଏ ଏହି ଚକୋଲେଟ୍ । ତେବେ ପ୍ରତି ବର୍ଷ ଏହାର ଲିମିଟେଡ୍ ଏଡିସନ୍ ବଜାରକୁ ଆସେ । ଏହାକୁ କିଣିବାକୁ ହେଲେ କମ୍ପାନି ବହୁ ପୂର୍ବରୁ ଅର୍ଡର ନେଇଥାଏ । ଗ୍ରାହକ ନିଜ ପସନ୍ଦ ଅନୁସାରେ ଡିଜାଇନ୍ ପସନ୍ଦ କରି କମ୍ପାନିକୁ ଦେଇଥାଏ । ସେହି ଅନୁସାରେ କମ୍ପାନି ଏହାକୁ ପ୍ରସ୍ତୁତ କରେ । ଏହି ଚକୋଲେଟ୍‌ରେ ଦୁନିଆର ସବୁଠୁ ଉନ୍ନତ ମାନର କୋକୋ ବିନ୍ ବ୍ୟବହାର କରାଯାଇଥିଲା ବେଳେ ଏଡିବଲ୍ ଗୋଲ୍ଡ ବ୍ୟବହାର କରାଯାଏ । ଏହା ସହିତ ଏହା ପ୍ୟାକେଟ୍‌କୁ ଆକର୍ଷଣୀୟ କରିବା ଲାଗି ଅସଂଖ୍ୟ ଛୋଟ ଛୋଟ ହୀରା ଏବଂ ରତ୍ନ ପଥର ଲାଗିଥାଏ । ତେବେ ଏହା ବଜାରରେ ସିଧାସଳଖ ବିକ୍ରି ହୋଇନଥାଏ ।



### ଲେ ଚକୋଲେଟ୍:

ଏହି ଚକୋଲେଟ୍ ମଧ୍ୟ ସବୁଠୁ ମୂଲ୍ୟବାନ ଚକୋଲେଟ ମଧ୍ୟରେ ପରିଗଣିତ । ଏହାର ମୂଲ୍ୟ ମଧ୍ୟ ଲକ୍ଷାଧିକ । ତେବେ ଏହାକୁ ବଜାରରେ ବିକ୍ରି କରାଯାଏ ନାହିଁ । ଏହାକୁ ସିମୋନ ଜ୍ୱେଲର୍ସ ନାମକ ଏକ ଜୁଏଲାରୀ ବ୍ରାଣ୍ଡ ପକ୍ଷରୁ





ପ୍ରସ୍ତୁତ କରାଯାଏ । କେବଳ ବ୍ୟକ୍ତିଗତ ଅର୍ଡର ଦେଲେ ଏହାକୁ ପ୍ରସ୍ତୁତ କରାଯାଏ । କେବଳ ସ୍ୱାଦ ପାଇଁ ଏହାର ମୂଲ୍ୟ ଲକ୍ଷାଧିକ ନୁହେଁ । ବରଂ ଏହାର ପ୍ୟାକେଜିଂ ଏତେ ଆକର୍ଷଣୀୟ ଏବଂ ସେଥିରେ ସୁନା, ହୀରା ସମେତ ଆହୁରି ଅନେକ ମୂଲ୍ୟବାନ ରତ୍ନପଥର ଖଚିତ ହୋଇଥିବାରୁ ଏହି ଚକୋଲେଟ୍‌ର ଦାମ ଏତେ ଅଧିକ ।



### ଫ୍ରୋଜନ୍ ହଟ୍ ଚକୋଲେଟ୍:

ନ୍ୟୁୟର୍କର ଏକ ରେସ୍ତୋରାଁ ପ୍ରସ୍ତୁତ କରିଥାଏ ଏହି ଚକୋଲେଟ୍ । ତେବେ ସବୁବେଳେ ନୁହେଁ । ଏହା ଚକୋ ବାର୍ ଭାବେ ଉପଲବ୍ଧ ହୋଇନଥାଏ । ବରଂ ସୁସ୍ୱାଦୁ ଡେଜର୍ଟ ଭାବେ ଏହି ଚକୋଲେଟ୍ ତିଆରି ହୋଇଥାଏ । ମୂଲ୍ୟବାନ ଚକୋ ଡେଜର୍ଟ ଭାବେ ଏହା ମଧ୍ୟ ଗିନିସ ବୁକ୍‌ରେ ସାମିଲ ହୋଇଛି । ଏହି ଚକୋ ଡେଜର୍ଟ ସୁନା ପାତ୍ର ଏବଂ ହୀରାର ଚାମଚରେ ଆମେରିକାର ବିତ୍ତଶାଳୀ ଗ୍ରାହକମାନଙ୍କୁ ପରିବେଷଣ କରାଯାଇଥାଏ । ଏହି ରେସ୍ତୋରାଁ ପକ୍ଷରୁ ଏପରି ବ୍ୟବସ୍ଥା କରାଯାଇଛି ଯେମିତି ଗ୍ରାହକ ଚାହିଁଲେ ଏହାକୁ ନିଜ ସାଙ୍ଗରେ ଘରକୁ ନେଇପାରିବେ ।

### ଦ ଗୋଲ୍ଡେନ ସ୍ପେକଲ୍ଡ ଏଗ୍:

ଏହି ଚକୋଲେଟ୍‌ର ନାଁ ଯେମିତି, ଏହା ଦେଖିବାକୁ ମଧ୍ୟ ସେମିତି । ଅର୍ଥାତ୍ ଡିମ୍ବାକୃତିର । ଏହିଭଳି ଆକୃତିର ଚକୋଲେଟ୍ ମଧ୍ୟରେ ଦ ଗୋଲ୍ଡେନ ସ୍ପେକଲ୍ଡ ଏଗ୍ ସବୁଠୁ ବଡ଼ । ଏହା ବ୍ୟତୀତ ଏହା ସବୁଠୁ ବଡ଼ ଏବଂ ସବୁଠୁ ଦାମୀ ଇଷ୍ଟର୍ ଏଗ୍ ଭାବେ ଗିନିସ୍ ବୁକ୍‌ରେ ସ୍ଥାନ ପାଇଛି ।






## ନିର୍ଜନ ଦ୍ୱୀପ ଏଲିଡେ

ଆଇସ୍‌ଲାଣ୍ଡରେ ଏଲିଡେ ନାମ ଛୋଟିଆ ଦ୍ୱିପଟିଏ ଅଛି । ପାଞ୍ଚ-ଛଅ ହଜାର ବର୍ଷ ତଳେ ଆଗ୍ନେୟଗିରି ଉଦ୍‌ଗିରଣରୁ ଦ୍ୱୀପଟି ସୃଷ୍ଟି ହୋଇଥିଲା । ଏହା ଦ୍ୱୀପରେ ମଣିଷ ବାସକରୁନାହାନ୍ତି । ତେବେ, ଜନଶୂନ୍ୟ ଦ୍ୱୀପରେ ଗୋଟିଏ କଂକ୍ରିଟ୍ ଘର ଅଛି । ୧୯୫୩ରେ ଘରଟି ତିଆରି କରାଯାଇଥିଲା । ପରବର୍ତ୍ତୀ ସମୟରେ ବାରମ୍ବାର କଳେବର ବୃଦ୍ଧି କରାଯାଇଛି । ନିୟମିତ ରକ୍ଷଣାବେକ୍ଷଣ ହେଉଥିବାରୁ ଘରଟିର ଅବସ୍ଥା ଭଲ ଅଛି । କେବଳ ମୋଟର୍ ବୋଟ୍ ଯୋଗେ ଏଲିଡୋକୁ ଯିବା ସଂଭବ । ତାହା ପରେ ରଶି ସାହାଯ୍ୟରେ ଉପରକୁ ଉଠିବାକୁ ପଡ଼େ । ଆଇସ୍‌ଲାଣ୍ଡର ଏକ ଘରୋଇ ସଂଘ ମାଲିକାନାରେ ଘରଟି ରହିଛି । ସଂଘ ସହ ସଂପୃକ୍ତ ଦୁଃସାହସିକ ଲୋକେ ରୋମାଞ୍ଚ ପାଇଁ ସେଠାରେ ବେଳେ ବେଳେ ରହୁଥିବା ପ୍ରକାଶ ।



## ବ୍ରେଡ୍ ରସମଲାଇ



ରସମଲାଇ ପଶ୍ଚିମବଙ୍ଗର ଏକ ପ୍ରସିଦ୍ଧ ରେସିପି । ଯଦି ଆପଣଙ୍କ ଘରକୁ ଅଚାନକ ଅତିଥି ଆସିଗଲେ ତେବେ ଏପରି ସମୟରେ କମ୍ ସମୟ ମଧ୍ୟରେ ବ୍ରେଡ୍ ରସମଲାଇ ତିଆରି କରିପାରିବେ ।

**ଆବଶ୍ୟକ ସାମଗ୍ରୀ:**
ବ୍ରେଡ୍-୪ ପିସ୍, କ୍ଷୀର-୧ ଲିଟର, ଚିନି-୧୫୦ ଗ୍ରାମ, କାଜୁ-୧୦ଟି, ପିସ୍ତା-୮ଟି, ଆଲମଣ୍ଡ୍-୧୦ଟି, କେଶର-ଅଳ୍ପ ।

**ପ୍ରଣାଳୀ:**
ପ୍ରଥମେ ତେଜ୍ ଆଞ୍ଚରେ କ୍ଷୀରକୁ ଫୁଟାଇବା ପରେ ଫ୍ଲେମ୍ କମ୍ କରି ମଧ୍ୟମ ଆଞ୍ଚରେ କ୍ଷୀରକୁ ଅଧା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ମଝିରେ ମଝିରେ କ୍ଷୀରକୁ ଅଧା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ମଝିରେ ମଝିରେ କ୍ଷୀରକୁ ଚଲାଇବା ଉଚିତ୍ । ଏବେ କ୍ଷୀରରେ ଚିନି ଓ ଅଳ୍ପ ଡ୍ରାଏ ଫ୍ରୁଟ୍‌ସ କାଟି ପକାନ୍ତୁ । ବାକି ଡ୍ରାଏ ଫ୍ରୁଟ୍‌ସକୁ ଗାର୍ନିଶ ପାଇଁ ରଖିଦିଅନ୍ତୁ । ବର୍ତ୍ତମାନ କ୍ଷୀରକୁ ଫୁଟାଇ ଚାରିଭାଗରୁ ଏକଭାଗ କରିବାର ଅଛି । ମଝିରେ ମଝିରେ ଚଲାଉଥିବା ଆବଶ୍ୟକ । ସାଇଡ୍‌ରେ ଲାଗୁଥିବା କ୍ରିମକୁ ମଧ୍ୟ ଛଡ଼ାଉଥିବା ଉଚିତ୍। କ୍ଷୀର ଏକଭାଗ ହୋଇଯିବା ପରେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ ଓ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଏବେ ବ୍ରେଡକୁ କୌଣସି ଗିନା ବା କଟରରେ କାଟି ଦିଅନ୍ତୁ। କ୍ଷୀର ଥଣ୍ଡା ହୋଇଯିବା ପରେ ବ୍ରେଡକୁ ପକାଇ ସାବଧାନତାର ସହିତ ପଲଟାଇ ଦିଅନ୍ତୁ। ବ୍ରେଡ ଚାରିପଟରେ କ୍ଷୀର ଲାଗିଯିବା ପରେ ଏକ ପ୍ଲେଟରେ ବ୍ରେଡ ରଖି ତା ଉପରେ କ୍ଷୀର ଢ଼ାଳନ୍ତୁ। ଏବେ କିଛି ଡ୍ରାଇ ଫ୍ରୁଟସ ତା’ ଉପରେ ପକାଇ ଗାର୍ନିଶ କରନ୍ତୁ।

## ଦୂରାନ୍ତୁ ନିଦ୍ରାହୀନତା



ବର୍ତ୍ତମାନ ନିଦ୍ରାହୀନତା ଅଧିକାଂଶ ମହିଳାଙ୍କ ଲାଗି ଏକ ଜଟିଳ ସମସ୍ୟା ପାଲଟିଛି । ଏଥିଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି । ତେଣୁ ଏହାକୁ କିପରି ଦୂର କରିବେ ଜାଣରି ରଖନ୍ତୁ ଟିପ୍ସ...

- ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟାକରନ୍ତୁ ।
- ଠିକ୍ ସମୟରେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ବିଶେଷ କରି ଖାଦ୍ୟ ତାଲିକାରେ ଭିଟାମିନ୍ ବି-୧୨ ଯୁକ୍ତ ଖାଦ୍ୟକୁ ସାମିଲ କରନ୍ତୁ । ଏହା ଶରୀରରେ ମେଲାଟୋନିନ୍ ହର୍ମୋନର କ୍ଷରଣକୁ ବୃଦ୍ଧି କରିବ ଯାହାକି ନିଦକୁ ପୂରା କରିବାରେ ସାହାଯ୍ୟ କରିଥାଏ ।
- ପ୍ରତିଦିନ ଶୋଇବା ଲାଗି ଅତି କମ୍‌ରେର ୬ରୁ ୭ଘଣ୍ଟାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରନ୍ତୁ । ଯଦି ନିଦ ନ ଆସୁଛି ତେବେ ଶୋଇବାକୁ ଯିବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀର ପିଇବା ଦ୍ୱାରା ମଧ୍ୟ ନିଦ ଭଲ ହୋଇଥାଏ ।
- ଅଧିକ ରାତି ପର୍ଯ୍ୟନ୍ତ କାମ କରିବା, ଟିଭି ଦେଖିବା, ବହି ପଢ଼ିବା ଆଦି ଅଭ୍ୟାସ ଥିଲେ ଏହାର ସମୟ ବଦଳାନ୍ତୁ ।
- ଯଦି ନିଶାଦ୍ରବ୍ୟ ସେବନ କରିବା ଅଭ୍ୟାସ ଅଛି ତେବେ ତୁରନ୍ତ ଏହାକୁ ପରିବର୍ତ୍ତନ କରନ୍ତୁ । କାରଣ ଏହା ଶରୀରର ପାଇଁ ଆଦୌ ହିତକର ନୁହେଁ । ଏହା ବିଭିନ୍ନ ରୋଗ ସୃଷ୍ଟି କରିବା ସହିତ ନିଦ୍ରାହୀନତାର ମଧ୍ୟ ମୁଖ୍ୟ କାରଣର ।
- ଅଧିକାଂଶ ମହିଳା ସମ୍ପୂର୍ଣ୍ଣ ନିଦ୍ରା ଲାଗି ନିଦ ଔଷଧ ସେବନ କରୁଥିବା ଦେଖିବାକୁ ମିଳିଥାଏ । ହେଲେ ଏହାର ବିଭିନ୍ନ ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟା ରହିଛି । ତେଣୁ ଏହାର ସେବନ ପରିବର୍ତ୍ତେ ପ୍ରତିଦିନ କିଛି ଯୋଗ, ଆସନ, ପ୍ରାଣାୟମ, ବ୍ୟାୟାମ ଆଦିର ଅଭ୍ୟାସ ରଖନ୍ତୁ । ଏହା ନିଦ ପୂରା କରିବା ସହ ଶରୀରକୁ ମଧ୍ୟ ଫିଟ୍ ରଖିବାରେ ସାହାଯ୍ୟ କରିବ ।
- ଅଧିକ ମାନସିକ ଚାପ ନିଅନ୍ତୁ ନାହିଁ କିମ୍ବା ଅବସାଦଗ୍ରସ୍ତ ରୁହନ୍ତୁ ନାହିଁ । ଯଦି ଏଭଳି କୌଣସି ସମସ୍ୟା ରହିଛି ତେବେ ଏଥିରୁ ମୁକୁଳିବାକୁ ଚେଷ୍ଟା କରନ୍ତୁ ଏବଂ ମନକୁ ହାଲୁକା କରନ୍ତୁ ।
- ଯଦି ଏସବୁ ସତ୍ତ୍ୱେ ମଧ୍ୟ ଆପଣଙ୍କର ନିଦ୍ରାହୀନତାର ସମସ୍ୟା ରହୁଛି ତେବେ ଏ ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ନେବାରେ ଆଦୌ ଅବହେଳା କରନ୍ତୁ ନାହିଁ ।

## ଡ୍ରଇଂ ରୁମ୍‌କୁ କରନ୍ତୁ ଆକର୍ଷଣୀୟ

**ଯେହେତୁ ଘରକୁ କେହି ଅତିଥି ଆସିଲେ ପ୍ରଥମେ ଡ୍ରଇଂରୁମ୍‌ରେ ବସିବାକୁ ଦିଆଯାଇଥାଏ, ତେଣୁ ଏହାର ସାଜସଜ୍ଜା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ । କାରଣ ଏହା ହିଁ ଆପଣଙ୍କ ସମ୍ପୂର୍ଣ୍ଣ ଘର ସହିତ ଆପଣଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇଥାଏ । ତେଣୁ ଡ୍ରଇଂରୁମ୍ କିପରି ସଜାଇବେ ଜାଣି ରଖନ୍ତୁ । ଟିପ୍ସ...**

- ସର୍ବ ପ୍ରଥମେ ଡ୍ରଇଂରୁମ୍‌ରେ ଫର୍ନିଚର, ଟିଭି ଏବଂ ଅନ୍ୟାନ୍ୟ ଡେକୋରେଟିଭ୍ ସାମଗ୍ରୀ ଆଦି ଯାହା ରଖିବେ ସେଥିପାଇଁ ମନରେ ଏକ ଗ୍ରାଫ୍ ପ୍ରସ୍ତୁତ କରନ୍ତୁ । ପ୍ରତ୍ୟେକ ସାମଗ୍ରୀକୁ ଏପରି ରଖନ୍ତୁ ଯେପରି ସେସବୁ ନା କେବଳ ସୁନ୍ଦର ଦେଖାଯିବ ବରଂ ଚଲାବୁଲା କରିବା ସମୟରେ ଆପଣଙ୍କ ସଂସ୍ପର୍ଶରେ ଆସିବ ନାହିଁ ।
- ଡ୍ରଇଂରୁମ୍ ଆକର୍ଷଣୀୟ ଲାଗିବା ଲାଗି ଏହାର ଲାଇଟ୍ ବ୍ୟବସ୍ଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ । କାରଣ ଡ୍ରଇଂରୁମ୍ ଭିତରେ ଲାଇଟ୍ ଠିକ୍ ନ ରହିଲେ ଆପଣ ଯେତେ ସୁନ୍ଦର ଭାବେ ସଜାନ୍ତୁ ନା କାହିଁକି ତାହାର ଆକର୍ଷଣ କମିଯାଇଥାଏ । ତେଣୁ ଏହା ଭିତରେ ଭଲ ଲାଇଟ୍ ବ୍ୟବସ୍ଥା କରନ୍ତୁ । ଯଦି ଆପଣଙ୍କ ଡ୍ରଇଂରୁମ୍‌କୁ ବାହାର ଲାଇଟ୍ ଆସିବାରେ ସୁବିଧା ଅଛି ତେବେ ଦିନ ସମୟରେ ଭଲ ଲାଗିଥାଏ ।
- ଡ୍ରଇଂରୁମ୍ ସଜାଇବା ଲାଗି ବିଭିନ୍ନ ଶୋ ପିସ୍, ୱାଲ୍‌ହାଙ୍ଗିଙ୍ଗ୍ ଆଦି ତ ଭଲ ଲାଗିଥାଏ । ହେଲେ ଫୁଲଦାନି ଏଥିପାଇଁ ବେଷ୍ଟ ଅପ୍ସନ । ତେବେ ମନେ ରଖନ୍ତୁ ଯଦି ମଲ୍ଟିକଲର ଫୁଲ ରଖୁଛନ୍ତି ତେବେ ତା’ର ସବୁ ପତ୍ର ମଲ୍ଟିକଲର ନ ରଖି କେବଳ ଗ୍ରୀନ୍ ହିଁ ରଖନ୍ତୁ ଅଧିକ ଆଇକ୍ୟାଚି ଲାଗିବ ।
- ଯଦି ଡ୍ରଇଂରୁମ ବଡ଼ ତେବେ ଆପଣ ଚାହିଁଲେ ଶୋ’ କେସ୍ ରଖି ସେଥିରେ ବିଭିନ୍ନ ପ୍ରକାର ସାଜସଜ୍ଜା ସାମଗ୍ରୀ ରଖି ରୁମ୍‌ର ଶୋଭା ବଢ଼ାଇ ପାରିବେ ।



## ଟ୍ୟାନ୍‌ରୁ ମୁକ୍ତି

ଖରାଦିନେ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ଶରୀର ପାଇଁ ଖୁବ୍ କ୍ଷତିକାରକ ହୋଇଥାଏ । ଏହି ରଶ୍ମି ତ୍ୱଚାର ମେଲାନିନ୍ କୁ ବଢ଼ାଇ ତ୍ୱଚାର ରଙ୍ଗକୁ କଳା କରି ଦେଇଥାଏ । ଯାହା ଦ୍ୱାରା ଖରାଦିନେ ତ୍ୱଚାର ରଙ୍ଗରେ ପରିବର୍ତ୍ତନ ଆସିଥାଏ । ଯାହାକୁ ଆମେ ଟ୍ୟାନ୍ ବୋଲି କହିଥାଉ । ମାତ୍ର ଟ୍ୟାନରୁ ରକ୍ଷା ପାଇବା ପାଇଁ ଅନେକ ଖରାରେ ବହାରକୁ ବାହାରିବା ପୂର୍ବରୁ ସନ୍‌ସ୍କ୍ରିନ୍ ଲୋସନ୍ ବ୍ୟବହାର କରିଥାନ୍ତି । ମାତ୍ର ଏହା ତ୍ୱଚାକୁ ସମ୍ପୂର୍ଣ୍ଣ ଭାବରେ ଖରାରୁ ସୁରକ୍ଷା ଦେଇଥାଏ ।



- ଟ୍ୟାନ୍ ପଡ଼ିଥିବା ସ୍ଥାନରେ ଆଳଚରସ ଓ ଲେମ୍ବୁ ରସକୁ ମିଶାଇ ଲଗାନ୍ତୁ । କିଛି ସମୟ ଏହି ପ୍ୟାକ୍ କୁ ରଖି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।
- ଟମାଟୋ ରସ ସହିତ କିଛି ଦହିକୁ ମିଶାଇ ମୁହଁରେ ଲଗାନ୍ତୁ । ଅଳ୍ପ ସମୟ ପରେ ମୁହଁକୁ ଧୋଇ ଦିଅନ୍ତୁ । ଦେଖିବେ ଏହା ଟ୍ୟାନ୍ ଭଲ କରି ଦେବ ।
- ଟ୍ୟାନ୍ ଦୂର ପକରିବା ପାଇଁ ଅମୃତଭଣ୍ଡାକୁ ଚକଟି ସେଥିରେ କିଛି ମହୁକୁ ମିଶାଇ ବ୍ୟବହାର କରନ୍ତୁ । ଏହା ମଧ୍ୟ ଟ୍ୟାନ୍ ସମସ୍ୟା ଭଲ କରିଥାଏ ।
- ଆଲୋଭେରା ବା ଘିକୁଆରୀ ରସକୁ ସାରା ରାତି ମୁହଁରେ ଲଗାଇ ରଖନ୍ତୁ । ସକାଳୁ ମୁହଁକୁ ଧୋଇ ଦିଅନ୍ତୁ । ସବୁଦିନ ଆଲୋଭେରାକୁ ବ୍ୟବହାର କରିବା ଦ୍ୱାରା ଟ୍ୟାନ୍ ଭଲ ହୋଇଯିବା ଖରାକୁ ବାହାରିବା ପୂର୍ବରୁ ଆଲୋଭେରାକୁ ମୁହଁରେ ଲଗାନ୍ତୁ ନାହିଁ ଏହା ତ୍ୱଚାକୁ କଳା ପକାଇଥାଏ ।

# କୋଭିଡ୍ କଟକଣା ପାଇଁ ଗଣେଶ ପୂଜା ଫିକା

ଡେଲାଙ୍ଗ,୨୪।୮ (ନି.ପ୍ର): ପୁରୀ ଜିଲ୍ଲାରେ କରୋନା ସଂକ୍ରମଣ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ହେତୁ , ଜିଲ୍ଲା ପ୍ରଶାସନ କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ସାର୍ବଜନିକ ସ୍ଥାନରେ କୌଣସି ଅନୁଷ୍ଠାନ ବା ବ୍ୟକ୍ତି ବିଶେଷ ଦ୍ୱାରା ଗଣେଶ ପୂଜା ଉତ୍ସବ ପାଳନ କୁ ବାରଣ କରିଛନ୍ତି । ଡେଲାଙ୍ଗ ମଧ୍ୟ କରୋନା ଆକ୍ରାନ୍ତା ସଂଖ୍ୟା ଦିନକୁ ଦିନ ବଢି ଚାଲିଛି । କୋଭିଡ ପାଇଁ ସ୍କୁଲ,କଲେଜ,ଅଙ୍ଗନାଓାଡି କେନ୍ଦ୍ର ବନ୍ଦ ହେତୁ ଶିକ୍ଷାନୁଷ୍ଠାନ ଗୁଡିକରେ ଗଣେଶ ପୂଜା ହୋଇପାରି ନାହିଁ । ସେହିପରି ବିଭିନ୍ନ ବଜାର ବ୍ୟବସାୟୀ ପୂଜା କମିଟି, କ୍ଲବ, ସମିତି, ଯୁବକ ସଂଘ,ଗାଁ ପୂଜା କମିଟି ପକ୍ଷରୁ ମଧ୍ୟ କୋଭିଡ୍ ନିୟମ ମାନି ଗଣେଶ ପୂଜା ସ୍ଥଗିତ ରଖିଛନ୍ତି । କାଁ ଭାଁ କେଉଁଠି ପରିବାର ଲୋକେ ନଜ ଘରେ ଗଣେଷଙ୍କ ପୂଜା ଉତ୍ସବ ପାଳନ କରିଛନ୍ତି । ଏହି ପରିପେକ୍ଷୀରେ ବେରବୋଇ ରାଉତ ସାହିରେ ଯୁବକମାନେ କୋଭିଡ ମାର୍ଗ ଦର୍ଶିକା ମାନୀ ସଂମ୍ପୁର୍ଣ୍ଣ ନିରାଡମ୍ବର ରେ ଅଗ୍ରପୂଜ୍ୟ ଙ୍କ ପୂଜା କରାଯାଇଥିଲା । ସେହିପରି ଶ୍ରୀପୁରୁଷତମପୁର ପଚଂାୟତର ସେବକସାହି ପାଟଣା ଗ୍ରାମର ଯୁବକ ମାନେ ବିଦ୍ୟଦାତା ଶ୍ରୀ ଗଣେଶଙ୍କ ପୂଜା ନିରାଡମ୍ବର ପାାଳନ କରିଥିଲେ ।ସାମଗ୍ରିକ ଭାବେ ଡେଲାଙ୍ଗରେ ଚଳିତ ବର୍ଷ ଗଣେଶ ପୂଜା ସମ୍ପୁର୍ଣ୍ଣ ଫିକା ପଡିଛି । ଏବର୍ଷ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟଥିତ କରିଛି ବିଶ୍ୱମହମାରୀ କରୋନା, ପୁଷ୍ପାଜଂଳି ଦେବା ଓ ବିଦ୍ୟାଦାତା ପ୍ରଭୁ ଗଣେଷ ଆଶିଷ ପାଇବାରୁ ବଚଂିତ ହୋଇଛନ୍ତି ।

# ଶ୍ରୀମନ୍ଦିର ସେବକ ଓ କର୍ମଚାରୀଙ୍କ ପାଇଁ ଏକ କରୋନା ସେବାକେନ୍ଦ୍ର ଖୋଲାଯାଇଛି

ପୁରୀ,୨୪।୮ (ନି.ପ୍ର): ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ର ସେବକ ଓ କର୍ମଚାରୀ ମାନଙ୍କ ପାଇଁ ଚକ୍ରତୀର୍ଥ ରୋଡ ସ୍ଥିତ ହୋଟେଲ ନିୟୁ ରକ ବେ ଠାରେ ଏକ କରୋନା ସେବା କେନ୍ଦ୍ର ଖୋଲାଯାଇଛି । କରୋନା ପଜେଟିଭ ଚିହ୍ନିତ ସେବକ ଓ କର୍ମଚାରୀ ମାନେ ସେଠାରେ ରହି ଡାକ୍ତର ମାନଙ୍କ ଦ୍ୱାରା ଚିକିତ୍ସା ହୋଇପାରିବେ । ଏଠାରେ ରହୁଥିବା ରୋଗୀ ମାନଙ୍କୁ ପାନ୍ଥ ନିବାସ ଦ୍ୱାରା ଖାଦ୍ୟ ଯୋଗାଣ ର ବ୍ୟବସ୍ଥା କରାଯାଇଛି । କରୋନା ପଜେଟିଭ ରୋଗୀ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ କରୋନା କେନ୍ଦ୍ର କୁ ପଠାଇବା ଦାୟିତ୍ୱ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଙ୍କୁ ଦିଆଯାଇଛି । ଏଥିନିମନ୍ତେ ହସପିଟାଲ ପକ୍ଷରୁ ଶ୍ରୀ ସନ୍ତୋଷ ମିଶ୍ର ଏପିଏମ ଏବଂ ଶ୍ରୀମନ୍ଦିର ପକ୍ଷରୁ ଅରୁଣ ରଞ୍ଜନ ପାଣିଗ୍ରାହୀ ଆସିଷ୍ଟାଣ୍ଡ ମ୍ୟାନେଜର ଓ ଏଣ୍ଡଏମ ଯୋଗଯୋଗ କାରୀ ଅଧିକାରୀ ଭାବେ କାର୍ଯ୍ୟ କରିବେ । ସମସ୍ତ ସେବକ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଯେ, କୌଣସି ଅସୁବିଧା ର ସମ୍ମୁଖୀନ ହେଲେ ମୋବାଇଲ ନମ୍ବର ୯୯୩୭୩୪୮୫୦୬ ଙ୍କ ସହ ଯୋଗଯୋଗ କରିବାକୁ ଅନୁରୋଧ କରାଯାଇଛି।

# ସୁଟିଂ ପାଇଁ କେନ୍ଦ୍ରର ଏସଓପି ଜାରି

ନୂଆଦିଲ୍ଲୀ,୨୪।୮ (ନି.ପ୍ର): ଚଳଚ୍ଚିତ୍ର ଶିଳ୍ପ ପାଇଁ ରବିବାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର୍ (ଏସଓପି)ଜାରି କରଛି କେନ୍ଦ୍ର । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ଏସଓପି ଅଣାଯାଇଛି ବୋଲି ଘୋଷଣା କରିଛନ୍ତି ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭେଦକର । ଧାରାବାହିକ ଏବଂ ଚଳଚ୍ଚିତ୍ରର ସୁଟିଂ ସମୟରେ ମାସ୍କ ଏବଂ ସାନିଟାଇଜର ବ୍ୟବହାର କରିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ବାଧତାମୂଳକ କରାଯାଇଛି । ବର୍ତ୍ତମାନ ଫିଲ୍ମ ଏବଂ ଟିଭି ଧାରାବାହିକ କାମ ଆରମ୍ଭ ହୋଇପାରିବ। ଏଥିପାଇଁ, ଏହି ଶିଳ୍ପରେ ନିୟୋଜିତ ଲୋକଙ୍କୁ ସାମାଜିକ ଦୂରତା ଅନୁସରଣ କରିବାକୁ ପଡିବ ଏବଂ ମାସ୍କ ପିନ୍ଧିବାକୁ ହେବ । କେବଳ ଯେଉଁମାନେ କ୍ୟାମେରା ଆଗରେ ଅଛନ୍ତି କିମ୍ବା ଯାହାର ସୁଟିଂ ଚାଲିଛି, ସେମାନଙ୍କୁ ଏଥିରୁ ମୁକ୍ତ କରାଯିବ । ଏହା ସହ ମେକ୍ଅପ ଆର୍ଟିଷ୍ଟ ଏବଂ ହେୟାର ଷ୍ଟାଇଲିଷ୍ଟମାନଙ୍କୁ ପିପିଇ କିଟ୍ ପିନ୍ଧିବାକୁ ପଡ଼ିବା ସହ ସାମାଜିତ ଦୂରତା ଅବଲମ୍ବନ କରିବାକୁ ପଡ଼ିବ । ଏହା ସହ ଧାରାବାହିକର ସୁଟିଂ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ଏକ ବିସ୍ତୃତ ଏସଓପି ଜାରି କରିଛି । ସଂକ୍ରମଣକୁ ରୋକିବା ପାଇଁ ଏଂଟ୍ରି ପଏଂଟରେ ଥର୍ମାଲ୍ ସ୍କ୍ରିନିଂ, ଫେସ୍ କଭର / ମାସ୍କର ବ୍ୟବହାର ଏବଂ ୬ ଫୁଟର ସାମାଜିକ ଦୂରତା ଅବଲମ୍ବନ କରିବା ପାଇଁ ଏସଓପିରେ କୁହାଯାଇଛି । ସ୍ୱାସ୍ଥ୍ୟ ଏବଂ ଗୃହ ମନ୍ତ୍ରାଳୟର ପରାମର୍ଶ ପରେ ଏହି ଏସଓପି ଚୂଡାନ୍ତ ହୋଇଛି ବୋଲି ପ୍ରକାଶ ଜାଭେଦକର କହିଛନ୍ତି।

## ହେଲମେଟ, ମାସ୍କ ଚେକିଙ୍ଗ ଜୋରଦାର, ୫ ହଜାର ରୁ ଉର୍ଦ୍ଧ୍ୱ ଫାଇନ ଆଦାୟ

ଭୁବନ,୨୪।୮ (ନି.ପ୍ର): ଭୁବନରେ ପୋଲିସ ତରଫରୁ ବିଭିନ୍ନ ସାହି,ବଜାର ମାନଙ୍କରେ ପେଟ୍ରୋଲିଂ ସମେତ ପ୍ରମୁଖ ଛକ ରେ ହେଲମେଟ ଓ ମାସ୍କ ଚେକିଙ୍ଗ ଚାଲୁରହିଛି । ଆଇଆଇସି ଜିତେନ୍ଦ୍ର କୁମାର ସାହୁ ଙ୍କ ସହିତ ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ,ନୀଳକଣ୍ଠ ପାତ୍ର ,ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ମୁରଲୀଧର ନାୟକ ବିଭିନ୍ନ ଛକରେ ଆଇଆରବି ଫୋର୍ସ ଙ୍କ ଗହଣରେ ଚେକିଙ୍ଗ କରି ହେଲମେଟ ଓ ମାସ୍କ ପିନ୍ଧିନଥିବା ବ୍ୟକ୍ତି ମାନଙ୍କ ଠାରୁ ଫାଇନ ଆଦାୟ କରିଥିଲେ । ଆଜି ବିଭିନ୍ନ ସ୍ଥାନରୁ ୫ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ଭୁବନ ଥାନା ସୂତ୍ରରୁ ଜଣାପଡିଛି ।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ : ବାଲେଶ୍ୱରରେ ରକ୍ତ ପୃଥକୀକରଣ କେନ୍ଦ୍ର କାର୍ଯ୍ୟକ୍ଷ୍ୟମ ଦାବି

ବାଲେଶ୍ୱର,୨୪।୮ (ନି.ପ୍ର): ବାଲେଶ୍ୱର ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି କମିଟିର ଏକ ସ୍ୱତନ୍ତ୍ର ବୈଠକ ପ୍ରଫେସର ଅନନ୍ତ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱରରେ ପ୍ଲାଜ୍ମା ବ୍ୟାଙ୍କ ପ୍ରତିଷ୍ଠା ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମିଟିର କର୍ମକର୍ତ୍ତାମାନେ କୃତଜ୍ଞତା ଜଣଶଇଛନ୍ତି । ତେବେ ପ୍ଲାଜ୍ମା ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲେ ବି ବାଲେଶ୍ୱରରେ ରକ୍ତ ପୃଥକୀକରଣ କେନ୍ଦ୍ର ଅଦ୍ୟାବଧି କାର୍ଯ୍ୟକ୍ଷମ ନହେବାକୁ ନେଇ କମିଟି ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା ।



ଆବଶ୍ୟକୀୟ ଯନ୍ତ୍ରପାତି ମହଜୁଦ ଥିବା ବେଳେ ବିଶେଷଜ୍ଞ ଡାକ୍ତର ଓ ଟେକ୍ନିସିଆନ୍ଙ୍କ ଅଭାବରୁ ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି ଉପସ୍ଥିତ ସଭ୍ୟମାନେ ମତ ପ୍ରକାଶ କରିଛନ୍ତି । ପ୍ଲାଜ୍ମାଦାନ ପାଇଁ ଇଚ୍ଛୁକ ବ୍ୟକ୍ତିମାନେ କଟକ କିମ୍ବା ଭୁବନେଶ୍ୱର ଯାଇ ରକ୍ତଦାନ କରିବା ପରେ ସେଠାରୁ ପୃଥକୀକରଣ ହୋଇ ପ୍ଲାଜ୍ମା ବାଲେଶ୍ୱରକୁ ସଂରକ୍ଷଣ ପାଇଁ ଅଣାଯିବ । କ୍ରିୟାନୁଷ୍ଠାନ କମିଟି ସମେତ ଜିଲ୍ଲା ରକ୍ତଦାତା ସଂଘ ଓ ବହୁ ସାମାଜିକ ସଂଗଠନ ଏହି ରକ୍ତ ପୃଥକୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଦୀର୍ଘଦିନ ଧରି ଦାବି କରିଆସୁଛନ୍ତି । ତେଣୁ ବାଲେଶ୍ୱରରେ ତୁରନ୍ତ ରକ୍ତ ପୃଥକୀକରଣ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ବୈଠକରେ ଦାବି କରାଯାଇଛି । ଏହି ଅବସରରେ କ୍ରିୟାନୁଷ୍ଠାନ କମିଟିର ପୃଷ୍ଠପୋଷକ ସଦସ୍ୟ ତଥା ପଦ୍ମଲୋଚନ ଦେ'ଙ୍କ ଦେହାନ୍ତରେ ଶୋକ ପ୍ରକାଶ ସହ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କଠାରୁ ସଂଗୃହୀତ ଅର୍ଥ ସ୍ୱର୍ଗତଃ ଦେ'ଙ୍କ ଦିବ୍ୟାଙ୍ଗ ପୁତ୍ର ଓ କନ୍ୟାଙ୍କୁ ସହାୟତା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ସାଧାରଣ ସଂପାଦକ ନିରଞ୍ଜନ ପରିଡ଼ାଙ୍କ ସମେତ ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ଡା. ତାରାକାନ୍ତ ନନ୍ଦ, ସରସ୍ୱତୀ ପଣ୍ଡା, ପ୍ରଭାକର ସାହୁ, ଇଂ. ବନମାଳୀ ନାୟକ, ପ୍ରସନ୍ନ ପାଢ଼ି, ନବକୃଷ୍ଣ ପୋଥାଳ ଓ ସ୍ୱର୍ଗତ ଦେ'ଙ୍କ ଭାଇ ସୁରେଶ ଦେ ପ୍ରମୁଖ ଉପସ୍ଥିତ ଥିଲେ । ଗୌରାଙ୍ଗ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ସୁବର୍ଣ୍ଣରେଖା ନଦୀ ଆରପଟେ ଦାନ୍ତୁନ ସଟ୍ଡାଉନ୍ ଘୋଷଣା

# ବେଆଇନ୍ଭାବେ ଚାଲିଛି ମାକିଡିଆ ଫେରିଘାଟ : ଅମାନିଆଙ୍କ ଅବାଧ ଚଳପ୍ରଚଳ

ଜଳେଶ୍ୱର,୨୪।୮ (ନି.ପ୍ର): ସୁବର୍ଣ୍ଣରେଖା ଆରପଟେ ଦାନ୍ତୁନ ଅଂଚଳକୁ ପର୍ଶ୍ଚିମବଂଗ ସରକାର ଡେରିରେ ହେଲେ ମଧ୍ୟ ସଟ୍ଡାଉନ୍ ଘୋଷଣା କରିଛନ୍ତି । କିନ୍ତୁ ମାକିଡିଆ ଫେରିଘାଟ ବେଆଇନ୍ଭାବେ ଚାଲିଥିବା ବେଳେ ସେ ଅଂଚଳରୁ ପ୍ରତିଦିନ ଶହ ଶହ ଅମାନିଆ ଅବାଧରେ ଯାତାୟାତ କରୁଛନ୍ତି । ଏହି ଫେରିଘାଟ ଅର୍ଥ କୁଆଡେ ଯାଉଛି ବୋଲି ଏବେ ପ୍ରଶ୍ନ ଉଠୁଛି । ଗତ କିଛିଦିନ ପୂର୍ବରୁ ମାକିଡିଆ ପଂଚାୟତରେ କ୍ରମାଗତ ୧୭ଜଣ କରୋନା ପଜେଟିଭ୍ ସଂକ୍ରମିତ ଜଣାଗଲାପରେ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା ହୋଇଥିଲା । ସେତେବେଳେ ମଧ୍ୟ ଦାନ୍ତୁନ ଓ ମାକିଡିଆ ଅଂଚଳର ଲୋକେ ନଦୀ ପାରି ହୋଇ ଯାତାୟାତ କରିଥିବା ଏପରିକି ୨ ଅଂଚଳ ମଧ୍ୟରେ ୮ଟି ବିବାହ ଉତ୍ସବ ହୋଇଥିବା ସଂପର୍କରେ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ସ୍ଥାନୀୟ ପ୍ରଶାସନର ଉଦାସୀନତା ଯୋଗୁଁ ଜିଲାପାଳଙ୍କ ନିର୍ଦ୍ଦେଶକକୁ ଅବମାନନା କରାଯାଇଥିଲା । ଏବେ ଦାନ୍ତୁନ ଅଂଚଳରେ ୨୦ଜଣ କରୋନା ପଜେଟିଭ୍ ଦେଖା ଦେଇଥିବାରୁ ସମଗ୍ର ଅଂଚଳକୁ ସଟ୍ଡାଉନ୍ ଓ ଦାନ୍ତୁନ ସହରକୁ କଣ୍ଟେନ୍ମେଣ୍ଟ ଅଂଚଳ ବୋଲି ଘୋଷଣା କରାଯାଇଛି । କିନ୍ତୁ ଏହା ସତ୍ତ୍ୱେବି ମାକିଡିଆ ଅଂଚଳରୁ ଦାନ୍ତୁନକୁ ଯାତାୟାତ ଲାଗି ରହିଛି । ପ୍ରତିଦିନ ଫେରିଘାଟ ପାରିହୋଇ ଶହ ଶହ ଲୋକେ ଯାତାୟାତ କରୁଛନ୍ତି । ଏହାକୁ ରୋକନଗଲେ କେବଳ ମାକିଡିଆ ନୁହେଁ, ରାଇବଣିଆର ବିଭିନ୍ନ ପଂଚାୟତରେ ଅଧିକ କରୋନା ସଂକ୍ରମଣ ହେବାର ସମ୍ଭାବନା ଦେଖାଦେବ । ମାକିଡିଆ ପଂଚାୟତ ପକ୍ଷରୁ ସେଠାକାର ଫେରିଘାଟ ନିମନ୍ତେ ନିଲାମ ଦିଆଯାଇଥାଏ । ସେହିପରି ପର୍ଶ୍ଚିମବଂଗର ଦାନ୍ତୁନ ପକ୍ଷରୁ ଅନ୍ୟଏକ ନିଲାମ ହୋଇଥାଏ । ଚଳିତବର୍ଷ ମାର୍ଚ୍ଚ ମାସରେ ମାକିଡିଆ ପଂଚାୟତର ନିଲାମ ଶେଷ ହୋଇଥିବା ବେଳେ ଅଦ୍ୟାବଧି ନବିକରଣ କିମ୍ବା ନିଲାମ ହୋଇନାହିଁ । ଏପରି ନିଲାମ ହୋଇନଥିଲେ ମଧ୍ୟ ପ୍ରତିଦିନ ଫେରିଘାଟ ଚାଲୁଛି । ଫଳରେ ଲୋକେ ଯାତାୟାତ କରୁଛନ୍ତି । ଏଥିସହିତ ପ୍ରତି ବୁଧବାର ଓ ଗୁରୁବାର, ଶନିବାର, ରବିବାର ପ୍ରାୟ ୨୦୦ ଗୋରୁ ଓଡିଶାରୁ ପର୍ଶ୍ଚିମବଂଗକୁ ଚାଲାଣ ହୋଇ ଆସୁଛି । ଗୋରୁ ଗୋଟାକୁ ପାରି ପାଇଁ ୨୦୦ଟଙ୍କା ନେଉଥିବା ବେଳେ ଏହି ଅର୍ଥ କାହାପକେଟକୁ ଯାଉଛି ଏଥିପାଇଁ ତଦନ୍ତ ପାଇଁ ଦାବି ହୋଇଛି ।

## ଫିରିଙ୍ଗିଆରୁ ହଟିଲା କଂଟେନମେଂଟ ଜୋନ

କନ୍ଧମାଳ,୨୪।୮ (ନି.ପ୍ର): କନ୍ଧମାଳ ଜିଲା ଫିରିଙ୍ଗିଆ ବଜାର ଅଂଚଳରୁ କୋଭିଡ୍ ସଂକ୍ରମିତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ବଜାର ଅଂଚଳକୁ କଂଟେନମେଂଟ ଜୋନ ଘୋଷଣା। କରାଯାଇଥିଲା । ଦୀର୍ଘ ଦିନ ହେଲା ବଜାରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । ଫଳରେ ସ୍ଥାନୀୟ ଅଂଚଳବାସୀ ନାହିଁ ନଥିବା ହଇରାଣ ହେବା ସହ ଦୋକାନୀମାନେ ସେମାନଙ୍କ ରୋଜଗାର ହରାଇଥିଲେ । ଏନେଇ ବଣିକ ସଂଘ ବିଡିଓ ରଶ୍ମିରଞ୍ଜନ ମହାନ୍ତଙ୍କୁ କଂଟେନମେଂଟ ଉଠାଇଦେବାକୁ ଅନୁରୋଧ କରିଥିଲେ । ପରିସ୍ଥିରେ ସୁଧାର ଆସିବା ପରେ ସୋମବାର ଠାରୁ କମଟେନମେଂଟ ହଟାଇବାକୁ ବିଡିଓ ଶ୍ରୀ ମହନ୍ତ ନିର୍ଦ୍ଦେଶ ଦେଇଥିବା ଜଣା ପଡିଛି ।

# ହିଂଜିଳିରେ ବାଲି ମାଫିଆଙ୍କୁ ସୁରକ୍ଷା, ନିରୀହ ଲୋକଙ୍କୁ ଲାଠିମାଡ ଦୁର୍ଭାଗ୍ୟଜନକ : ବିଜେପି

ଭୁବନେଶ୍ୱର,୨୪।୮ (ନି.ପ୍ର): ବାଲି ଚୋରା ଚାଲାଣ ବିରୁଦ୍ଧରେ ପ୍ରତିବାଦ କରିବାରୁ ଗଂଜାମ ଜିଲ୍ଲା ପୁରୁଷତମପୁର ତହସିଲ ଅନ୍ତରୀ ଗାଁ ଗ୍ରାମପଂଚାୟତର କୋଳିଦାସପୁର ଗାଁ ର କିଛି ଲୋକଙ୍କୁ ବେଆଇନ ଭାବେ ହିଂଜିଳି ଥାନା ଅଧିକାରୀ ଗିରଫ କରିବା ଘଟଣାକୁ ନିନ୍ଦା କରିଛି ରାଜ୍ୟ ବିଜେପି କରିଥିଲେ । ଗିରଫ ହୋଇଥିବା ଲୋକ ନିର୍ଦ୍ଦୋଷ ବୋଲି ଥାନା ଅଧିକାରୀଙ୍କୁ ଜଣାଇବାକୁ ଆସିଥିବା ଛୋଟପିଲା ଏବଂ ବୃଦ୍ଧ ବୟସର ଲୋକଙ୍କ ଉପରେ ଲାଠି ମାଡ ହେବା ଯୋଗୁଁ ସେମାନେ ଅନେକ ସଂଖ୍ୟାରେ ଆହତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ରାଜ୍ୟ ଉପସଭାପତି ଶ୍ରୀ ଭୃଗୁ ବକ୍ସିପାତ୍ର କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ଗଂଜାମ ଜିଲ୍ଲା ବାଲି ଚୋରା ଚାଲାଣକୁ ବିଗତ ବହୁ ବର୍ଷ ଧରି ସାଧାରଣ ଲୋକ ବିରୋଧ କରିବା ପରେ ସେଠାକାର ଜିଲ୍ଲା ପ୍ରଶାସନ ଓ ରାଜ୍ୟସରକାର ଚୋରା ଚାଲାଣକୁ ବନ୍ଦ କରୁନାହାଁନ୍ତି । ଗଂଜାମ ଜିଲ୍ଲାର ଋଷିକୂଲ୍ୟା ଏବଂ ତା'ର ଶାଖା ନଦୀ ମାନଙ୍କରେ ବାଲି ମାଫିଆମାନେ ବାଲି ଚୋରା ଚାଲାଣ କରି ଅନ୍ୟ ରାଜ୍ୟ ସମେତ ବିଦେଶକୁ ପଠାଉଛନ୍ତି । ଏହା ଦ୍ୱାରା ରାଜ୍ୟସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଛି । ସ୍ଥାନୀୟ ତହସିଲଦାର, ବିଡିଓ, ଗଂଜାମ ଜିଲ୍ଲାର ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ, ପୋଲିସ,ସରକାରୀ ଦଳର ଦଲାଲ ଏବଂ ଗୁଣ୍ଡାମାନେ ଚୋରା ଚାଲାଣର ନେତୃତ୍ୱ ନେଉଛନ୍ତି । ସାଧାରଣ ଲୋକମାନେ ଏହାର ପ୍ରତିବାଦ କଲେ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ମାନେ ନାଲି ଆଖି ଦେଖାଉଛନ୍ତି । ଆଜି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀର ହିଂଜିଳି ଥାନାରେ ବାଲି ଚୋରା ଚାଲାଣକୁ ପ୍ରତିବାଦ କରୁଥିବା ଲୋକଙ୍କୁ ପୋଲିସ ନିର୍ମମ ଭାବେ ଲାଠି ମାଡ କରିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି କି ପଂଚାୟତ, ବ୍ଲକ, ତହସିଲ ସ୍ତରରୁ ଆରମ୍ଭ କରି ତୃତୀୟ ମହଲା ପର୍ଯ୍ୟନ୍ତ ବାଲି ଚୋରା ଚାଲାଣର ମାଫିଆ ମାନେ ସମସ୍ତଙ୍କୁ ହାତବାରିସୀ କରି ସରକାରଙ୍କ ସଂପୂର୍ଣ୍ଣ ପୋତ୍ସାହନରେ ଚୋରା ଚାଲାଣର ବ୍ୟାପକତାକୁ ଆହୁରି ବଢେଇଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କହିଛନ୍ତି । ଗଂଜାମ ଜିଲ୍ଲାରେ ସରକାରୀ ଦଳ ପୂରା ରାଜନୀତି ଏବଂ ବ୍ୟବସାୟକୁ ବାଲି ମାଫିଆଙ୍କ ଦ୍ୱାରା ନିୟନ୍ତ୍ରଣ କରିବାର ଅପଚେଷ୍ଟା କରୁଛନ୍ତି । ଗୋପାଳପୁର ବନ୍ଦରରୁ ବଡ ବଡ ଜାହାଜରେ ବିଦେଶକୁ ବାଲି ଚୋରା ଚାଲାଣ କରାଯାଉଛି । ନନ୍ ଲିଜ୍ ଏଗ୍ରୀମେଂଟ ଜମି ତଥା ଯେଉଁ ଜମିରୁ ବାଲି ଉତୋଳନ କରିବାର ଅଧିକାର ନାହିଁ ସେହି ସ୍ଥାନରୁ ଏହି ମାଫିଆ ମାନେ ଚୋରା ଚାଲାଣ କରୁଛନ୍ତି । ହିଂଜିଳି ବ୍ଲକର ନିର୍ଦ୍ଦିଷ୍ଟ ମାଫିଆମାନେ କୋଳିଦାସପୁର ଅଂଚଳରେ ଥିବା ନନ୍ ଲିଜ ଜମିରୁ ବାଲି ଚୋରା ଚାଲାଣ କରୁଥିଲେ । ତହସିଲଦାର, ଥାନା ଅଧିକାରୀ, ବ୍ଲକ ଅଫିସ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ତୃତୀୟ ମହଲା ପର୍ଯ୍ୟନ୍ତ ସମସ୍ତେ ଏହି ବାଲି ଚୋରା ଚାଲାଣ ସଂପର୍କରେ ଅବଗତ ଅଛନ୍ତି ଏବଂ ସମସ୍ତଙ୍କ ଜାଣତରେ ଏହି ଚୋରା ଚାଲାଣ କରାଯାଉଛି । ବାଲି ଚୋରା ଚାଲାଣର ମୁଖ୍ୟ କାର୍ପଟଦାର ରାଜ୍ୟସରକାର ଏବଂ ଜିଲ୍ଲା ପ୍ରଶାସନ ବୋଲି ଶ୍ରୀ ବକ୍ସିପାତ୍ର ଅଭିଯୋଗ କରିଛନ୍ତି । ବାଲି ଚୋରା ଚାଲାଣ କରୁଥିବା ମାଫିଆ ମାନଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କୁ ଗିରଫ କରନ୍ତୁ । ମୁଖ୍ୟମନ୍ତ୍ରୀ ନିଜେ ଏ ଘଟଣାରେ ହସ୍ତକ୍ଷେପ କରି ବାଲି ଚୋରା ଚାଲାଣକୁ ବନ୍ଦ କରିବା ପାଇଁ ଆଇନଗତ ପଦକ୍ଷେପ ନେବା ସହ ଓଡିଶାର ସଂପତିକୁ ବାହାରେ ଚାଲାଣ ହେବା ଠାରୁ ବନ୍ଦ କରନ୍ତୁ ବୋଲି ଶ୍ରୀ ବକ୍ସିପାତ୍ର ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶିନୀ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ସୁରଥ ବିଶ୍ୱାଳ ଏବଂ ଘଗୁମୁସର ଜିଲ୍ଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ନୀଳଗିରିରେ ଅମୃତଧାରା ୱାଟର ଏଟିଏମ ଉଦ୍‌ଘାଟିତ

ବାଲେଶ୍ୱର,୨୪।୮ (ନି.ପ୍ର): 'ରୋଟାରୀ କ୍ଲବ ବାଲେଶ୍ୱର ଅନ୍ ସି'ଦ୍ୱାରା ନୀଳଗିରି ହସପିଟାଲରେ ସ୍ଥାପିତ ନୂତନ ପାନୀୟଜଳ ବ୍ୟବସ୍ଥା 'ଅମୃତଧାରା'(ୱାଟର ଏଟିଏମ) ଆଜି ଉଦ୍‌ଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମାଜର କଲ୍ୟାଣ କାର୍ଯ୍ୟ କରିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ହୋଇଥିବା ରୋଟାରୀ କ୍ଲବର ଏହି ସାଧୁ ଉଦ୍ୟମ ବେଶ୍ ପ୍ରଶଂସନୀୟ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଥିଲେ । କେବଳ ରୋଟାରୀ କ୍ଲବ ନୁହେଁ ଏହିଭଳି ସମାଜସେବା ମୂଳକ କାର୍ଯ୍ୟ ପାଇଁ ଅନ୍ୟମାନେ ମଧ୍ୟ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅଜୟ ସାମଲ ଏଥିରେ ଯୋଗଦେଇ ରୋଟାରୀ କ୍ଲବର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିବା ସହିତ ଏହି ପ୍ରକଳ୍ପ ନୀଳଗିରି ଡାକ୍ତରଖାନାର ରୋଗୀଙ୍କ ପାଇଁ ବେଶ ସହାୟକ ହୋଇପାରିବ ବୋଲି ଆଶା ପ୍ରକାଶ କରିଥିଲେ । ରୋଟାରୀ କ୍ଲବ,ବାଲେଶ୍ୱର ଅନ ସି'ର ସଭାପତି ଆଶିଷ ଭଞ୍ଜର ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଆଶିଷ ଅଗ୍ରୱା, କୋଷାଧ୍ୟକ୍ଷ ସଂଜୀବ ବଦୱାନିଆ, ଲୋକସମ୍ପର୍କ ବିଭାଗ ମୁଖ୍ୟ ମୋହିତ ପୋଦାର ପ୍ରମୁଖ ଏଥିରେ ଉପସ୍ଥିତ ରହି ଜନକଲ୍ୟାଣ ଉଦ୍ଦେଶ୍ୟରେ କ୍ଲବ ପକ୍ଷରୁ ଜାରି ରହିଥିବା କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । ଡାକ୍ତରଖାନାର ରୋଗୀମାନଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ଗରମ ଓ ଥଣ୍ଡା ପାଣି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏହି କ୍ଲବ ପକ୍ଷରୁ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି । ଏହାର ପରିଚାଳନା ଦାୟିତ୍ୱ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି । ଆଗାମୀ ଦିନରେ ଜନବହୁଳ ଅଞ୍ଚଳରେ ବି ଏଭଳି ପ୍ରକଳ୍ପ ସ୍ଥାପନ ପାଇଁ ସଂଗଠନ ନିଷ୍ପତି ନେଇଥିବା କର୍ମକର୍ତ୍ତାମାନେ କହିଥିଲେ । ଅଢ଼େଇ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ଏହି ପ୍ରକଳ୍ପ ସ୍ଥାପନ ହୋଇଥିବା କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।

## ସିଲାବସ୍ ହ୍ରାସ ନିଷ୍ପତି ଚଳିତ ସପ୍ତାହରେ : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୪।୮ (ନି.ପ୍ର): ସ୍କୁଲ ପାଠ୍ୟକ୍ରମରେ ସିଲାବସ୍ ହ୍ରାସ କରିବା ସମ୍ପର୍କିତ ନିଷ୍ପତି ଏହି ସପ୍ତାହରେ ନିଆଯିବ । ଖୁବ୍ ଶୀଘ୍ର ଛାତ୍ରଛାତ୍ରୀଙ୍କ ଦ୍ୱନ୍ଦ ଦୂର ହେବ । ସିଲାବସ୍ ସମ୍ପର୍କରେ ବିଭାଗୀୟ ସଚିବଙ୍କ ଦ୍ୱାରା ଯାଂଚ ଜାରୀ ରହିଛି । ବିଶେଷଜ୍ଞ କମିଟି ସେମାନଙ୍କ ରିପୋର୍ଟ ଦେଇ ସାରିଛନ୍ତି । ତେବେ କେତେ ପ୍ରତିଶତ ସିଲାବସ୍ କମାଯିବା ନିଷ୍ପତି ହୋଇନାହିଁ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ । ମନ୍ତ୍ରୀ ଆହୁରି କହିଛନ୍ତି ଯେ ସିବିଏସଇ ସିଲାବସ୍ କମାଇବା ପରେ ମଧ୍ୟ କିଛି ବିଷୟକୁ ନେଇ ଦ୍ୱନ୍ଦ ରହିଥିଲା । ସେଭି ଯେପରି ନହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଇଛି । କେତେ ପ୍ରତିଶତ ସିଲାବସ୍ କମିବ ତାହା ସ୍କୁଲ ଖୋଲାଯିବା ଉପରେ ନିର୍ଭର କରେ ବୋଲିସେ କହିଛନ୍ତି ।

# ବେସାହାରାଙ୍କ ସାହାରା ପାଲଟିଲେ ଜାରକା ରୋଟାରୀ କ୍ଲବ

ଧର୍ମଶାଳା,୨୪।୮ (ନି.ପ୍ର) :ଗତ ଲଗୁଚାପ ଜନିତ ପ୍ରବଳ ବର୍ଷାରେ ଭାଙ୍ଗିଯାଇଛି ଅନେକ କଚ୍ଚା ଘର । କେଉଁଠି କାନ୍ଥ ପଡିଛି ତ ଆଉ କେଉଁଠି ଝାଟିମାଟି ଘର ମାଟିରେ ଝୁଲିଛି । ଫଳରେ ଦୁର୍ଦ୍ଦିନରେ ବିତୁଛି ବିପନ୍ନଙ୍କ ଜୀବନ । ତେବେ ଏଭଳି ସମୟରେ କିଛି ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କୁ ସହାୟତା କରିବାକୁ ଆଗେଇ ଆସିଛନ୍ତି । ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ପଂଚାୟତ ଟିକରସାହିରେ ରହୁଛନ୍ତି ଅନେକ ଆଦିବାସୀ ପରିବାର । ପ୍ରଥମ ଲଘୁଚାପ ବର୍ଷାରେ ଏମାନଙ୍କ ଘରେ ପାଣି ପଶି ଥିଲା । ପ୍ରବଳ ବର୍ଷାରେ ସାହିର ଦୈତାରୀ ସାମଲଙ୍କ ପରିବାର ସମ୍ପୂର୍ଣ୍ଣ ବେସାହାରା ହୋଇଛି । ବର୍ଷାରେ ଚାଳ ଛପର ଘରା ଭାଙ୍ଗି ମାଟିରେ ମିଶିଛି । ଘରେ ପାଳିଥିବା ଛେଳି ମଧ୍ୟ କାନ୍ଥ ତଳେ ଚାପି ହୋଇ ମୃତ୍ୟୁବରଣ କରିଛନ୍ତି । ସୌଭାଗ୍ୟବସତଃ ଘରେ ପାଣି ପଶିବା ସମୟରେ ଦୈତାରୀ ପିଲା ଛୁଆ ଓ ସ୍ତ୍ରୀଙ୍କୁ ଧରି ରାସ୍ତା ଉପରକୁ ଚାଲି ଆସିଥିଲେ । ଫଳରେ ଏକ ସପ୍ତାହ ହେବ ପଲିଥିନ ଟାଙ୍ଗି ରାସ୍ତା ଉପରେ ରହି ଆସୁଛନ୍ତି । ତେବେ ଏହି ଦୁର୍ଦ୍ଦିନ ସମୟରେ ଜାରକା ରୋଟାରୀ କ୍ଲବ ପକ୍ଷରୁ ଏକ ଅସହାୟ ପରିବାରକୁ ସହାୟତାର ହାତ ବଢାଇଛି । କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ନିଜସ୍ୱ ଉଦ୍ୟମରେ ସିମେଂଟ ଖୁଂଟ,ବାଉଁଶ ଓ ପଲିଥିନ ଆଣି ଏହି ପରିବାର ପାଇଁ ଅସ୍ଥାୟୀ ବାସସ୍ଥଳୀ ନିର୍ମାଣ କରିଛନ୍ତି । କେବଳ ସେତିକି ନୁହେଁ ବର୍ଷା ପରଠାରୁ ଏହି ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ସାଙ୍ଗକୁ ରନ୍ଧା ଖାଦ୍ୟ ଯୋଗାଇ ଦେଇଆସୁଥିବା ଜଣାପଡିଛି । ଏହି ସାହାଯ୍ୟ ପାଇଁ ଦୈତାରୀଙ୍କ ପରିବାର ଖୁସି ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କ୍ଲବର ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ,ପୂର୍ବତନ ସଭାପତି ପଦୀପ୍ତ ବରାଳ,ଜୟନ୍ତ କୁମାର ସାହୁ,ରୋଟାରିଆନ ପ୍ରମୋଦ କୁମାର ସାମଲ,ସୁକାନ୍ତ କୁମାର ସ୍ୱାଇଁ,ରାଜେନ୍ଦ୍ର ପଲେଇ,ପ୍ରଶାନ୍ତ ପୃଷ୍ଟି ଓ ଅକ୍ଷୟ ମିଶ୍ର ପ୍ରମଖ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ ।

# ଶୈଚ ହେବାକୁ ଯାଇ ନଦୀରେ ବୁଡି ବୃଦ୍ଧ ମୃତ୍ୟୁ

ଧର୍ମଶାଳା,୨୪।୮ (ନି.ପ୍ର): ଶୈଚ ହେବାକୁ ଯାଉ ନଦୀ ପାଣି ବୁଡି ଜଣେ ବୃଦ୍ଧ ପ୍ରାଣ ହରାଇଥିବା ଜଣାପଡିଛି । ଏଭଳି ଅଘଟଣ ଘଟିଛି ଯାଜପୁର ଜିଲା ବଡଚଣା ବ୍ଲକ ସାଉଡିଆ ପଂଚାୟତସ୍ଥ ବାଲିକୁଦା ଘାଟରେ । ମୃତ ବୃଦ୍ଧ ଜଣକ ହେଲେ ବାଲିକୁଦା ଗ୍ରାମର କୁଳମଣୀ ପ୍ରଧାନ(୬୨) ବୋଲି ଜଣାପଡିଛି । ମିଳିଥିବା ସୂଚନା ମୁତାବକ ବ୍ରାହ୍ମଣୀ ଶାଖା ନଦୀ କେଲୁଅ ନଦୀକୁ ଆଜି ଶୈଚ ହେବା ପାଇଁ କୁଳମଣୀ ଯାଇଥିଲେ । ସେଠାରେ ତାଙ୍କର ଗୋଡ ଖସିଯିବାରୁ ନଦୀରେ ବୁଡି ଯାଇଥିଲେ । ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ରସୁଲପୁର ଅଗ୍ନୀଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନୀଶମ ବିଭାଗ ଘଟଣାସ୍ଥଳରେ ବହୁ ଖୋଜାଖୋଜି କରିବା ପରେ ପାଣି ଭିତରୁ ତାଙ୍କୁ ଉଦ୍ଧାର କରିଥିଲେ । ହେଲେ ସେତବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପଂହଚି ମର ଶରୀରକୁ ଜବତ କରି ଶବ ବ୍ୟବଚ୍ଛେଦ ନିମେନ୍ତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି ।

# ମୟୂରଭଞ୍ଜ ଜିଲ୍ଲା ପ୍ରସାଶନ ତତ୍ୱାବଧାନରେ ସ୍ୱାବ ସଂଗ୍ରହ ଅଭିଯାନ

ବାରିପଦା,୨୪।୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାଶନ ତତ୍ୱାବଧାନରେ ଜିଲ୍ଲାରେ କୋଭିଡ ସଂକ୍ରମଣର ଗତିରୋଧ ମୂଳକ ବ୍ୟାପକ ସତର୍କତା ଓ ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱୀତ କରାଯାଇ ଆସୁଥିବା ବେଳେ, ଏଦିଗରେ ବିଶେଷ କରି ଜିଲ୍ଲାର ଗ୍ରାମାଂଚଳଠାରୁ ସହରାଂଚଳ ପର୍ଯ୍ୟନ୍ତ ପ୍ରତି ୱାର୍ଡ ଗ୍ରାମ ସ୍ତରରେ ଗଠିତ କମିଟି ଏବଂ ଗ୍ରାମପଂଚାୟତ କ୍ଲଷ୍ଟର ସ୍ତରୀୟ କୋଭିଡ କେୟାର ହୋମ, ସ୍ୱାବ ସଂଗ୍ରହ କେନ୍ଦ୍ର ଗୁଡିକର ସୁପରିଚାଳନା ମଧ୍ୟ କରାଯାଇ ଆସୁଅଛି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ



ନିମନ୍ତେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିବେକାନନ୍ଦ ସାହୁଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନ କ୍ରମେ ଗତ ଅଗଷ୍ଟ ୨୨ ତାରିଖ ପୂର୍ବାହ୍ନରେ ବାରିପଦା ପୌରାଂଚଳ ବସ୍ତି ଅଂଚଳରୁ ସ୍ୱାବ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାର ଜଣାଯାଇଛି । ବାରିପଦା ପୌରାଂଚଳର ଶୁନଗଡିଆ ବସ୍ତି ଅଂଚଳ ବାସିନ୍ଦା ମାନଙ୍କୁ କୋଭିଡ ଆମ୍ବୁଲାନ୍ସରେ ପୁରୁଣା ହାଟସାହି ସ୍ୱାବ ସଂଗ୍ରହ କେନ୍ଦ୍ରକୁ ନିଆଯାଇ ଆର.ଟି.ପି.ସି.ଆର. ଟେଷ୍ଟିଂ ନିମନ୍ତେ ସ୍ୱାବସଂଗ୍ରହ କରାଯାଇଥିବାର ଜଣାଯାଇଛି । ବସ୍ତି ଅଂଚଳରୁ ପ୍ରଥମ ପର୍ଯ୍ୟାୟରେ ଏହି ସ୍ୱାବସଂଗ୍ରହ ଅଭିଯାନରେ ୧୦ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି । ପର୍ଯ୍ୟାୟ କ୍ରମେ ବାରିପଦା ସହରାଂଚଳର ବିଭିନ୍ନ ବସ୍ତି ଅଂଚଳରେ ସ୍ୱାବ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି । କୋଭିଡ ପରିଚାଳନା ଦାୟୀତ୍ୱରେ ଥିବା ସ୍ୱାସ୍ଥ୍ୟ ତଥା ସଂପୃକ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଏଥିପାଇଁ ସହଯୋଗ କରୁଥିବାର ଜଣାଯାଇଛି ।

# ଜସ୍ମିନ୍ ଜ୍ୟୋତିଙ୍କ ଇଂରାଜୀ ଗପବହି 'ସେ ୟେସ୍ ଟୁ ଲାଇଫ୍' ଉନ୍ମୋଚିତ




ବାଲେଶ୍ୱର,୨୪।୮ (ନି.ପ୍ର): ଭୁବନେଶ୍ୱର କିଟ୍ସ କଲେଜର ଯୁକ୍ତଦୁଇ ବାଣିଜ୍ୟରେ ଅଧ୍ୟୟନରତ ଛାତ୍ରୀ ଜସ୍ମିନ୍ ଜ୍ୟୋତିଙ୍କ ଜୀବନ ଦର୍ଶନ ସମ୍ବଳିତ ଇଂରାଜୀ ଗଳ୍ପପୁସ୍ତକ 'ସେ ୟେସ୍ ଟୁ ଲାଇଫ୍' ଆଜି ଲୋକାର୍ପିତ ହୋଇଯାଇଛି । ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହିତ ଖୁବ୍ କମ ବୟସରୁ ଛାତ୍ରୀ ଜସ୍ମିନ୍ ଜ୍ୟୋତିଙ୍କ ପରିପୃଷ୍ଟ ଚିନ୍ତାଧାରା ଓ ଲିଖନ ଶୈଳିକୁ ଭୂୟସୀ ପ୍ରଶଂସା କରିଥିଲେ । ଜୀବନର ଚଲାପଥରେ ଅବସାଦଠାରୁ ଦୂରରେ ରହି ସଫଳତା ଓ ବିଫଳତା ମଧ୍ୟରେ ଆଗକୁ ବଢ଼ିବାରେ ଯେ ସାର୍ଥକତା ଥାଏ, ଏହାକୁ ଛାତ୍ରୀ ଜସ୍ମିନ୍ ଏହି ପୁସ୍ତକରେ ପ୍ରସ୍ଫୁଟିତ କରିପାରିଛନ୍ତି । ଗୁଣାବତ୍ତା ଦୃଷ୍ଟିରୁ ସାମ୍ପ୍ରତିକ ସମାଜର ଯୁବପିଢ଼ିଙ୍କ ପାଇଁ ଏହି ପୁସ୍ତକ 'ସେ ୟେସ୍ ଟୁ ଲାଇଫ୍' ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ମତ ପ୍ରକାଶ କରିଥିଲେ । କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀ ଜସ୍ମିନ୍ ଜ୍ୟୋତିଙ୍କ ପୁସ୍ତକର ଶିକ୍ଷୟଣୀୟ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଜୀବନର ବାସ୍ତବତାକୁ ଏହି ପୁସ୍ତକରେ ପ୍ରତିଫଳନ ସହ ଜସ୍ମିନ୍ ସାମ୍ପ୍ରତିକ ସାମାଜକୁ ଦେଇଥିବା ବାର୍ତ୍ତା ଅତ୍ୟନ୍ତ ମୂଲ୍ୟବୋଧ ଭିତ୍ତିକ ହୋଇଛି ବୋଲି ସେ କହିଥିଲେ । ତାଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହ ଆଗାମୀ ଦିନରେ ବି ଏହିଭଳି ଲେଖା ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତଥା ପୁସ୍ତକର ପ୍ରକାଶକ ଶିକ୍ଷାବିତ୍ ସୁଧାଂଶୁ ପଣ୍ଡା ଏହି ଲୋକାର୍ପଣ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ ବିଦ୍ୟାଳୟରେ ପଢ଼ିବା ସମୟରୁ ତୁଳସୀ ଦୁଇପତ୍ରରୁ ବାସିବା ଭଳି ଜସ୍ମିନ୍‌ଙ୍କର ପ୍ରତିଭାର ଆଭାସ ମଳିଥିଲା ବୋଲି କହିଥିଲେ । ରୋଟାରିଆନ୍ ସୁବ୍ରତ କର, ପୁସ୍ତକ ସମ୍ପାଦନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଯୁବ ସାରସ୍ୱତ ସାଧକ ବିରଜା ନାୟକ, ଜସ୍ମିନ୍‌ଙ୍କ ମାଆ ନିବେଦିତା ବେହେରା ଓ ବାପା ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ଏଥିରେ ଯୋଗଦେଇ ଜସ୍ମିନ୍‌ଙ୍କର ସକାରାତ୍ମକ ଚିନ୍ତାଧାରାକୁ ଭୂୟସୀ ପ୍ରଶଂସା କରିଥିଲେ । ସମସ୍ତେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଉଦ୍ୟମ ଜାରି ରହିଲେ ଆଗାମୀ ଦିନରେ ଜସ୍ମିନ୍ ଇଂରାଜୀ ସାହିତ୍ୟର ଜଣେ ଉଜ୍ଜ୍ୱଳ ଜୋତିଷ୍କ ହୋଇପାରିବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ । ପୁସ୍ତକର ଲେଖିକା ଛାତ୍ରୀ ଜସ୍ମିନ୍ ଜ୍ୟୋତି ଏହି ଲୋକାର୍ପଣ ଉତ୍ସବରେ ଯୋଗଦେଇ ନିଜର ଲେଖକୀୟ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଚାର୍ଟାର୍ଡ଼ ଆକାଉଣ୍ଟ ମାତୃଦତ୍ତ ଦାସ, ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ସଙ୍କ ସମେତ ବାଲେଶ୍ୱର ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେଇଥିଲେ ।

## ସର୍ବୋଦୟ ନେତା ପ୍ରଶାନ୍ତ ମହାନ୍ତିଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୪।୮ (ନି.ପ୍ର): ବିଶିଷ୍ଟ ସର୍ବୋଦୟ ଓ ଭୂଦାନ ନେତା ସ୍ୱର୍ଗତ ପ୍ରଶାନ୍ତ ମହାନ୍ତିଙ୍କ ୭୯ତମ ଜୟନ୍ତୀ ଉତ୍ସବ ବିନୋବା ସ୍ମାରକ ଟ୍ରଷ୍ଟ ଓ ସବୁଜ ଭାରତ ତରଫରୁ ଭୁବନେଶ୍ୱରଠାରେ ପାଳିତ ହୋଇଯାଇଛି । ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ସବୁଜ ଭାରତର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ପ୍ରଥମେ ସର୍ବଧର୍ମ ପ୍ରାର୍ଥନା ଗାନ କରାଯାଇଥିଲା ଏବଂ ରାଜଭବନ ସରକାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାମ୍ବାଦିକ ଓ ସମାଜସେବୀ ଶ୍ରୀଯୁକ୍ତ ପ୍ରକାଶ ନାୟକ ଓ ସମାଜସେବୀ, କବି ପ୍ରବୀର ମହାନ୍ତି ଯୋଗଦାନ କରି ନିଜ ଅଭିଭାଷଣ ରଖିଥିଲେ । ଏହାପରେ କ୍ୟାପିଟାଲ ହସ୍ପିଟାଲରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଅନେକ ଯୁବସାଥୀ ରକ୍ତଦାନ କରିଥିଲେ । ଏହାକୁ ଉଦ୍‌ଘାଟନ କରି ଡ. ସରୋଜ ବିହାରୀ ମହାନ୍ତି ଓ ଡ. ଆଲୋକ ସ୍ୱାଇଁ, କ୍ୟାପିଟାଲ ହସ୍ପିଟାଲର ଡ. ଦେବାଶିଷ ମିଶ୍ର ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାମନ ମାଝୀ, ମନସ୍ୱିନୀ ପରିଡ଼ା, ଡ. ନଳିନୀକାନ୍ତ ମିଶ୍ର, ରୋଜାଲିନ ନାୟକ, ମନୋରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଣେଶ ଭଷାଣୀ ଶୋଭାଯାତ୍ରାକୁ ପୁଲିସ୍ କଲା ବେଆଇନ୍

### ସନ୍ଦେହରେ ମହିଳାଙ୍କୁ ଅସଦାଚରଣ : ଥାନାରେ ଅଭିଯୋଗ

ଜଳେଶ୍ୱର,୨୪।୮(ନିପ୍ର) : ସରକାରଙ୍କ କୋଭିଡ୍-୧୯ ଆଇନ୍ ଅନୁଯାୟୀ ବାଲେଶ୍ୱର ଜିଲାପାଳ ଗଣେଶପୂଜାଓ ପ୍ରଶେସନ ନିରାଡମ୍ବର ଓ ଘରୋଇଭାବେ ପାଳନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଜଳେଶ୍ୱର ପୌରପାଳିକାର ଚୁଡାମଣିପୁର ଗାଁରେ ହୋଇଥିବା ଗଣେଶପୂଜା ଭଷାଣୀରେ ଏକ ଶୋଭାଯାତ୍ରାରେ ମୂର୍ତ୍ତୀ ଭଷାଣୀ ପାଇଁ ଯାଉଥିଲେ । କିନ୍ତୁ କୌଣସି ଅଜ୍ଞାତବ୍ୟକ୍ତି ଏ ସଂପର୍କରେ ଥାନାକୁ ଜଣାଇବାପରେ ପ୍ରଥମେ ପୁଲିସ୍ ଓ ପରେ ଜଳେଶ୍ୱର ତହସିଲଦାର କ୍ଷରୋଦ କୁମାର ପଣ୍ଡା ଘଟଣାସ୍ଥଳକ ପରିଦର୍ଶନ କରି ଶୋଭାଯାତ୍ରାକୁ ସଂପୂର୍ଣ୍ଣ ବନ୍ଦ କରିଥିଲେ । କିନ୍ତୁ ଶୋଭାଯାତ୍ରାକାରୀ ମାନେ ସେହି ଗାଁର ସତ୍ୟବତୀ ଗିରି ନାମକ ଜଣେ ମହିଳା ଥାତାକୁ ଜଣାଇଥିବା ସନ୍ଦେହକରି ସନ୍ଧ୍ୟାରେ ରାସ୍ତାରେ ତାଙ୍କ ବାପଘରକୁ ଗଲାବେଳେ ତାଙ୍କୁ ଅଶାଳୀନ ଓ ଅସ୍ରାବ୍ୟ ଭାଷା ପ୍ରୟୋଗ କରିଥିଲେ । ଏପରିକି କେତେକ ତାଙ୍କୁ ଟଣା ଓଟରା କରିଥିବାର ଥାନାରେ ଅଭିଯୋଗ ହୋଇଛି । ଟଣା ଓଟରା ବେଳେ ତାଙ୍କର ଏକ ସୁନାହାର କେହିଜଣ ଛିନ୍‌ତାଇ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଦିନେଶ ପ୍ରଧାନ, ରାଜେଶ ପ୍ରଧାନ, ରାଜୁ ଦାସ, ବିଲୁ ଦାସ, ରଂଗିତ ଗିରି, ଚନ୍ଦ୍ରଜିତ୍ ସେନ୍, ନିମାଇଁ ଗିରିଙ୍କ ସହିତ ଅନ୍ୟ କେତେକ ବ୍ୟକ୍ତି ସତ୍ୟବତୀଙ୍କୁ ଟଣା ଓଟରା ଓ ଅସ୍ରାବ୍ୟ ପ୍ରୟୋଗ ସହିତ ତାଙ୍କ କରିବାରକୁ ହତ୍ୟା କରିବା, ଘର ପୋଡିଦେବା ଇତ୍ୟାଦି ଧମକ୍ ଦେଇଥିଲେ । ତାଙ୍କୁ ସେହି ଗାଁର ମଧୁସୂଦନ ପରିଡା, ଜୟାନନ୍ଦ ପରିଡା, ରାଧାଶ୍ୟାମେ ପରିଡା, ନନୀ ଗୋପାଳ ଜେନା ତଥା ଅଙ୍ଗନୱାଡି କର୍ମୀ ମମତା ପ୍ରଧାନ ଉଦ୍ଧାର କରିଥିଲେ । ଘଟଣାର ଆଜି ୨ଦିନ ବିତିଥିଲେ ମଧ୍ୟ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବନ୍ଧୁ ଅରୁଣ...

ପ୍ରଧାନମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ଗତ ବର୍ଷ ଆମେ ଅରୁଣ ଜେଟଲୀଙ୍କୁ ହରାଇଥିଲୁ । ତାଙ୍କର ବୁଦ୍ଧି, ଆଇନଗତ କୌଶଳ ଓ ବ୍ୟକ୍ତିତ୍ୱ ମହାନ ଥିଲା । ପ୍ରଧାନମନ୍ତ୍ରୀ ଟ୍ୱିଟ କରି ତାଙ୍କର ଶ୍ରଦ୍ଧାଂଜଳି ସଭାରେ ଦେଇଥିବା ଭାଷଣର ଭିଡିଓକୁ ମଧ୍ୟ ଶେୟାର କରିଛନ୍ତି।

### ଗ୍ରାମାଂଚଳ ଗୃହ...

ପ୍ରମାଣ ନାହିଁ ତେବେ ଓଡିଶାବାସୀଙ୍କୁ ଭ୍ରମିତ କରିବାକୁ ଅପଚେଷ୍ଟା କରିବା ଉଚିତ୍ ନୁହେଁ । ଏଭଳି ଦାୟିତ୍ୱହୀନ ଓ ଦୁର୍ଭାଗ୍ୟଜନକ ମନ୍ତବ୍ୟ ଯୋଗୁଁ ଓଡିଶାବାସୀଙ୍କ ନିକଟରେ ବିଜେପି ତାହାର ବିଶ୍ୱାସ ହରାଉଛି ଓ ଲୋକେ ବାରମ୍ବାର ଏହି ଦଳକୁ ପ୍ରତ୍ୟାଖାନ କରୁଛନ୍ତି ।

### ଗୋଟିଏ ଦିନରେ ୨୯୪୯ କରୋନା...

ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୪୭୪ ନୂଆ ମାମଲା ସାମନାକୁ ଆସିଛି । ସେହିପରି ଗଂଜାମ ଜିଲ୍ଲାରେ ୧୭୯ ଟି ମାମଲା ସାମନାକୁ ଆସିଛି । ଅନୁଗୁଳ ଜିଲ୍ଲାରେ ୧ , ବାଲେଶ୍ୱର ଜିଲ୍ଲାରେ ୮୮ ଜଣ, ବରଗଡ ଜିଲ୍ଲାରେ ୬୨, ଭଦ୍ରକ ଜିଲ୍ଲାରେ ୬୬, ବଲାଙ୍ଗିର ଜିଲ୍ଲାରେ ୫୭ .ବୌଦ୍ଧ ଜିଲ୍ଲାରେ ୩, କଟକ ଜିଲ୍ଲାରେ ୫୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୨, ଢେଙ୍କାନାଳ ଜିଲ୍ଲାରେ ୧୩, ଗଜପତି ଜିଲ୍ଲାରେ ୩, ଜଗତସିଂହପୁର ଜିଲ୍ଲାରେ ୫୧, ଯାଜପୁର ଜିଲ୍ଲାରେ ୨୧୫. ଝାରସୁଗୁଡା ଜିଲ୍ଲାରେ ୨୦, କଳାହାଣ୍ଡି ଜିଲ୍ଲାରେ ୩୦. କନ୍ଧମାଳ ଜିଲ୍ଲାରେ ୩୪, କେନ୍ଦ୍ରାପଡା ଜିଲ୍ଲାରେ ୫୬ ,କେନ୍ଦୁଝର ଜିଲ୍ଲାରେ ୩୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୧୮୧ ଜଣ, ମାଲକାନଗିରି ଜିଲ୍ଲାରେ ୭୮ , ମୟୁରଭଂଜ ଜିଲ୍ଲାରେ ୧୫୬, ନବରଙ୍ଗପୁରରେ ୨୬, ନୟାଗଡ ଜିଲ୍ଲାରେ ୯୩, ନୂଆପଡା ଜିଲ୍ଲାରେ ୨, ପୁରୀ ଜିଲ୍ଲାରେ ୮୬, ରାୟଗଡା ଜିଲ୍ଲାରେ ୧୪୩, ସମ୍ବଲପୁର ଜିଲ୍ଲାରେ ୧୦୪ ,ସୋନପୁର ଜିଲ୍ଲାରେ ୨୬ ତଥା ସୁନ୍ଦରଗଡ ଜିଲ୍ଲାରେ ୮୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### କେସିପୁର ପଂଚାୟତ ପ୍ରଧାନମନ୍ତ୍ରୀ...

ଆତ୍ମସାତ ହୋଇଥିବାରୁ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ସହ ନିରିହ ଗରୀବ ଆଦିବାସୀ ଲୋକଙ୍କୁ ତାଙ୍କ ପାସ ବହି, ଏଟିଏମ ଫେରସ୍ତ କରିବାକୁ ଶ୍ରୀ ଷଡଙ୍ଗୀ ଦାବୀ କରିଛନ୍ତି । ଯଦି ଏଥିରେ ସରକାର ବିଳମ୍ବ କରନ୍ତି ତାହାଲେ ଗରିବ ଲୋକମାନଙ୍କୁ ନ୍ୟାୟ ଦେବା ପାଇଁ ଶ୍ରୀ ଷଡଙ୍ଗୀ ଆନ୍ଦୋଳନ ଯୋର ଦାର କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଘଟଣା ସମ୍ପର୍କରେ ବିଡିଓ ଅନୀତା ନାୟକଙ୍କୁ ପଚାରିବାରୁ ମୁଁ ଅଭିଯୋଗ ପାଇବା ପରେ ତଦନ୍ତ କରିବାକୁ ଯାଇଥିଲି । ତଦନ୍ତ ରେ ହିତାଧିକାରୀ ମାନଙ୍କୁ ଦିଆଯାଇଥିବା ଘର ସରକାରୀ ଅନୁଦାନ ଅର୍ଥରେ ସମ୍ପୂର୍ଣ୍ଣ ହୋଇପାରୁନଥିବା ଯୋଗୁଁ ବୋନସ ବାବଦରେ ପାଉଥିବା ଟଙ୍କାକୁ ହିତାଧିକାରୀ ଙ୍କ ଜମା ଖାତାକୁ ଦିଆଯାଇଛି । ସମସ୍ତ ଘର ଗୁଡିକ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ସୁଚନା ଦେଇଛନ୍ତି ।

### ଓଡ଼ିଶାର ଦୁର୍ଗମ ଅଂଚଳରେ...

ଦୁର୍ବଳ ଶ୍ରେଣୀଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା ଓଡ଼ିଶାର ମୌଳିକ ସୁବିଧାରୁ ବଂଚିତ ଥିବା ଶ୍ରେଣୀର ଯୁବପିଢିଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରୁଛି । ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ନୂଆ ଜାତୀୟ ଶିକ୍ଷା ନୀତି (ଏନଇପି) ମାଧମରେ ବୈପ୍ଳବିକ ପରିବର୍ତନ ଆଣିବା ହେଉ କିମ୍ବା ଜାତୀୟ ନିଯୁକ୍ତି ସଂସ୍ଥାର ଗଠନ ହେଉ, ମୋଦି ସରକାର ଭାରତର ଶିକ୍ଷା କ୍ଷେତ୍ରରେ ସୁଧାର ଆଣି ଲକ୍ଷାଧିକଙ୍କ ଜୀବନରେ ପରିବର୍ତନ ଆଣିପାରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ସମସ୍ତଙ୍କ ନିକଟରେ ଗୁଣାତ୍ମକ ଶିକ୍ଷା ପହଂଚାଇବା ଏବଂ ଗୁଣାତ୍ମକ ଶିକ୍ଷାର ମାନରେ ଅଭିବୃଦ୍ଧି ଆଣିବା ଓ ଏକବିଂଶ ଶତାବ୍ଦୀର ଦକ୍ଷତା ବିକାଶ ମାଧମରେ ଭାରତକୁ ବିଶ୍ୱ ଜ୍ଞାନର ମହାଶକ୍ତି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଦେଶରେ ଥିବା ଶିକ୍ଷାନୁଷ୍ଠାନର ରାଙ୍କିଂରେ ସୁଧାର, ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଯୁବପିଢିଙ୍କ ଦକ୍ଷତା ବିକାଶ, ନିୟାମକ ସଂସ୍ଥାରେ ସଂସ୍କାର ଏବଂ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷା ଦାନରେ ଢ଼ାଂଚାଗତ ସଂସ୍କାର ଆଣି ଭାରତ ସରକାର ଶିକ୍ଷା କ୍ଷେତ୍ରର ପୁନଃଉଦ୍ଧାର କରୁଛନ୍ତି । ସଶକ୍ତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ଗୁଣାତ୍ମକ ଶିକ୍ଷା ନିତ୍ୟାନ୍ତ ଆବଶ୍ୟକ ବୋଲି ମୋଦି ସରକାର ନିଷ୍ଠାର ସହ ବିଶ୍ୱାସ କରନ୍ତି । ଭାରତକୁ ବିଶ୍ୱଗୁରୁ କରିବା ଓ ମୂଳ ସଂସ୍କୃତି ସହ ଜଡ଼ିତ ଦେଶର ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରର ଗଢ଼ି ତୋଳିବା ପାଇଁ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ।

## ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୨୪।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୧୭୯ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୬୫୨୮ ରେ ପହଂଚିଛି । ରାଜା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି ।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୬୪୬, ବାଲେଶ୍ୱର ଜିଲ୍ଲାରେ ୨୯୪୮, ବରଗଡ ଜିଲ୍ଲାରେ ୧୩୬୨, ଭଦ୍ରକ ଜିଲ୍ଲାରେ ୨୧୬୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୧୪୩୦ . ବୌଦ୍ଧ ଜିଲ୍ଲାରେ ୫୨୮, କଟକ ଜିଲ୍ଲାରେ ୫୯୨୧, ଦେବଗଡ ଜିଲ୍ଲାରେ ୧୫୩, ଢେଙ୍କାନାଳ ଜିଲ୍ଲାରେ ୧୨୨୮. ଗଜପତି ଜିଲ୍ଲାରେ ୨୬୫୪, ଜଗତସିଂହପୁର ଜିଲ୍ଲାରେ ୧୩୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୨୯୧୫, ଝାରସୁଗୁଡା ଜିଲ୍ଲାରେ ୮୩୧, କଳାହାଣ୍ଡି ଜିଲ୍ଲାରେ ୧୧୧୬, କନ୍ଧମାଳ ୧୮୭୦, କେନ୍ଦ୍ରାପଡା ଜିଲ୍ଲାରେ ୧୨୧୨, କେନ୍ଦୁଝର ଜିଲ୍ଲାରେ ୧୪୯୧, ଖୋର୍ଦ୍ଧା ଜିଲ୍ଲାରେ ୧୨୩୬୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କାରାପୁଟ ଜିଲ୍ଲାରେ ୨୭୨୦ , ମାଲକାନଗିରି ଜିଲ୍ଲାରେ ୧୮୫୮, ମୟୁରଭଂଜ ଜିଲ୍ଲାରେ ୨୨୭୭. ନବରଙ୍ଗପୁର ଜିଲ୍ଲାରେ ୮୨୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୨୨୮୭, ନୂଆପଡା ଜିଲ୍ଲାରେ ୩୧୭ , ପୁରୀ ଜିଲ୍ଲାରେ ୨୬୭୭, ରାୟଗଡା ଜିଲ୍ଲାରେ ୩୨୪୩. ସମ୍ବଲପୁର ଜିଲ୍ଲାରେ ୨୧୦୮. ସୁବର୍ଣ୍ଣପୁର ଜିଲ୍ଲାରେ ୫୨୭ ଓ ସୁନ୍ଦରଗଡ ଜିଲ୍ଲାରେ ୩୮୮୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ବିପ୍ଳବୀ ଚକ୍ରଧର ବେହେରାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ବାଇପାସଠାରେ ହେବାକୁ ଦାବି

ଭଦ୍ରକ,୨୪।୮ (ନି.ପ୍ର): ଓଡିଶାର ପ୍ରଥମ ଯାଦବ ବିଧାୟକ ତଥା ଯାଦବ ଶ୍ରେଷ୍ଠ ବିପ୍ଳବୀ ଚକ୍ରଧର ବେହେରା ଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଭଦ୍ରକର ସ୍ଥାନୀୟ ବାଇପାସଠାରେ ସ୍ଥାପନ ହେବାକୁ ଦାବୀ କରିଛନ୍ତି ଭଦ୍ରକ ଯୁବଯାଦବ ମହାସଭା ର କର୍ମକର୍ତ୍ତା ଓ ଜିଲ୍ଲାର ବୁଦ୍ଧିଜୀବି । ବିପ୍ଳବୀ ଚକ୍ରଧର ବେହେରା ଜଣେ ସ୍ୱାଧିନତା ସଂଗ୍ରାମୀ ଥିଲେ । ସେ କନିକା ରାଜା ଙ୍କ ଅନ୍ୟାୟ ।ତ୍ୟାଚାର ବିରୋଧରେ ପ୍ରଜା ମାନଙ୍କୁ ନେଇ ଆନ୍ଦୋଳନ କରିଥିଲେ । ତାଙ୍କ ବିରୋଧରେ କେଶ କରି ବିଜୟୀ ହୋଇଥିଲେ । ତାଙ୍କର ସଂଗ୍ରାମୀ ଭୂମିକା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିପ୍ଳବୀ ଉପାଧି ଦେଇଥିଲେ । ଗତ ୨୦୧୯ ଫେବୃଆରୀ ୨ ତାରିଖରେ ଭୁବନେଶ୍ୱରଠାରେ ସରକାରଙ୍କ ଦ୍ୱାରା ରାଜଭବନଛକଠାରେ ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ । କିନ୍ତୁ ଦୁଃଖର କଥା ତାଙ୍କ ଜିଲ୍ଲାରେ ତାଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଜିଲ୍ଲା ସଦର ମହକୁମାରେ ହୋଇପାରିନି । ଭଦ୍ରକ ଜିଲ୍ଲା ଯୁବଯାଦବ ଓ ବୁଦ୍ଧିଜୀବି ମାନେ ଜିଲ୍ଲାର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତୀ ସ୍ଥାନୀୟ ବାଇପାସଠାରେ ସ୍ଥାପନ କରିବାକୁ ଜିଲ୍ଲାପ୍ରଶାସନ ଠାରେ ଦାବୀ କରିଛନ୍ତି । ଆଜି ବାଇପାସସ୍ଥିତ ଜିଲ୍ଲା ଯୁବଯାଦବ କାର୍ଯ୍ୟାଳୟଠାରେ ଯୁବ ଯାଦବ ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେଏକ ପ୍ରସ୍ତୁତି ବୈଠକ ବସିଥିଲା ।ଏହି ବୈଠକରେ ରାଜ୍ୟ ଯୁବ ସଂପାଦକ ଅମର କୁମାର ନାୟକ,କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡା,ଉପସଭାପତି ସଂଜୀବ କୁମାର ନାୟକ, ସାଧୁଚରଣ ବାରିକ, ସଂପାଦକ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମି ଦିନରେ ଜିଲ୍ଲାପାଳଙ୍କୁ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତୀ ସ୍ଥାପନ ନେଇ ଏକ ମାନପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ଖିଲାର କହିଛନ୍ତି । ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତୀ ସ୍ଥାପନକୁ ସମର୍ଥନ କରିଛନ୍ତି ଇଂ ଅଭୟ ସୂତାର,କବୟତ୍ରୀ ଶାନ୍ତିଲତା ନାଗ,ଧିରେନ୍ଦ୍ର କୁମାର ବେହେରା ,ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସମାଜସେବୀ ତଥା ତିହିଡିର ଯୁବ ନେତା ସବ୍ୟସାଚୀ ମହଲା, ଉପେନ୍ଦ୍ର ବାରିକ, ଗୋବିନ୍ଦ ଚନ୍ଦ୍ର ପରିଡା,ବ୍ରହ୍ମାନନ୍ଦ ପରିଡା,ଦୈତାରୀ ଦାସ,ହେମେନ୍ଦ୍ର ବାରିକ,ସାମ୍ବାଦିକ ନବଘନ ଦାସ ,ନରହରି ସେଠି ।

### କେନ୍ଦୁଝରରେ ଜୁଆଙ୍ଗ ଜନଜାତିଙ୍କ ପ୍ରଧାନମନ୍ତ୍ରୀ ଆବାସ ହଡପ ଘଟଣା

## ଜନଜାତିଙ୍କ ଟଙ୍କା ହଡପ କରିଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ: ବିଜେପି

ଭୁବନେଶ୍ୱର,୨୪।୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଠାଗୋଲା ପଂଚାୟତ ଖରବା ଗାଁ ରେ ୧୩ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ ବା ପି.ଭି.ଟି.ଜି ଅନ୍ତର୍ଭୁକ୍ତ ଜୁଆଙ୍ଗ ଜନଜାତି ହିତାଧିକାରୀଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଦତ ଅର୍ଥରେ ବ୍ୟାପକ ଆର୍ଥିକ ଅନିୟମିତତା ହେବାର ପ୍ରମାଣ ମିଳିଥିବାରୁ ବିଜେପିର ଏକ ପ୍ରତିନିଧୀ ଦଳ ସଂପୃକ୍ତ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରି ଫେରିଛନ୍ତି । ସାଧାରଣ ବାସଗୃହ ଯୋଗାଇ ଦେବା କହି ଜୁଆଙ୍ଗ ଜନଜାତିଙ୍କ ଠାରୁ କୋଟି କୋଟି ଟଙ୍କା ଆଦାୟ କରାଯାଉଛି ଏବଂ ଆବାସ ଯୋଜନାରେ ମିଳୁଥିବା ଟଙ୍କାକୁ ହରି ଲୁଟ୍ କରାଯାଇଛି ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ସତ୍ୟବ୍ରତ ପଣ୍ଡା ଅଭିଯୋଗ କରିଛନ୍ତି । ସେମାନଙ୍କ ଟଙ୍କା ହଡପ କରିଥିବା ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ସୂଚନା ଅଧିକାର ତଥ୍ୟ ଅନୁସାରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଠାଗୋଲା ପଂଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୫୦୦ ଘରକୁ ଅନୁମୋଦନ ଦିଆଯାଇଛି । କିନ୍ତୁ ବାସ୍ତବରେ ଅନେକ ହିତାଧିକାରୀଙ୍କ ନାଁରେ ଅର୍ଥ ଆସିଥିଲେ ବି ବିଜେଡି ନେତା ଓ ସରକାରୀ ଅଧିକାରୀମାନେ ସଂପୃକ୍ତ ହିତାଧିକାରୀଙ୍କ ଏଟିଏମ ଓ ପାସୱାର୍ଡ ରଖି ଆଦିବାସୀଙ୍କ ଅର୍ଥକୁ ହରିଲୁଟ୍ କରିଛନ୍ତି । ବାଘ ବକରୀ ଖେଳରେ ଆଦିବାସୀମାନେ ଶିକାର ହେଉଛନ୍ତି । ରାଜ୍ୟସରକାର ଜିଓ ଟ୍ୟାଗିଂ କରିବା ପରେ ପଇସା ଦିଆଯାଉଛି ବୋଲି କହୁଥିବାବେଳେ କିଭଳି ଘର ନିର୍ମାଣ ନହୋଇ ଜିଓ ଟ୍ୟାଗିଂ କରି ୧ ଲକ୍ଷ ଟଙ୍କା ଦିଆଯାଉଛି ? କେବଳ ହରିଚନ୍ଦନ ପୁର ବ୍ଲକ ନୁହେଁ ଏଭଳି ଅନିୟମିତତାର ପ୍ରମାଣ କେନ୍ଦୁଝର ଜିଲ୍ଲା ଘସିପୁରା, ଘଟଗାଁ, ସଦର ଏବଂ ଝୁମ୍ପୁରା ବ୍ଲକରୁ ଆସିଛି । ଓଡିଶାର ଦ୍ୱିତୀୟ ନଗଡା ହେଉଛି କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ପିଠାଗୋଲା ପଂଚାୟତ ଖରବା ଗାଁ । ଖରବା ଗାଁର ଲୋକଙ୍କ ପାଖରେ ପକ୍କା ଘର, ବିଦ୍ୟୁତ, ଶୌଚାଳୟ, ପିଇବା ପାଣି, ରାସ୍ତା, ଅଙ୍ଗନବାଡି ବର୍ତମାନ ସୁଦ୍ଧା ଅପହଂଚ । ଖଣି ଖାନନରେ ଭରପୂର ଥିବା କେନ୍ଦୁଝର ଜିଲ୍ଲାରେ ଏଭଳି ଭାବେ ଜୁଆଙ୍ଗ ଜନଜାତି ବସବାସ କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ କହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସର ଦୁର୍ନୀତି କେନ୍ଦୁଝର ଜିଲ୍ଲାରେ କେବଳ ଭାତହାଣ୍ଡିର ଗୋଟିଏ ଭାତ ସଦୃଶ୍ୟ । ଏହି ଦୁର୍ନୀତି ସାରା ଓଡିଶାରେ ବ୍ୟାପିଛି । ରାଜ୍ୟସରକାର ଗରିବ ଲୋକଙ୍କ ଅଧିକାରରୁ ବଂଚିତ ରଖିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ମୁଖପାତ୍ର ଶ୍ରୀମତୀ ସୋନାଲୀ ସାହୁ କହିଛନ୍ତି । ପ୍ରଧାନମନ୍ତ୍ରୀ ଆବାସର ଦୁର୍ନୀତି ନେଇ ପୂର୍ବରୁ ବିଡିଓ, ପିଡି ଓ ଜିଲ୍ଲାପାଳଙ୍କ ପାଖରେ ଦ୍ୱାରସ୍ଥ ହେବା ପରେ ବି ସେମାନେ କୌଣସି ପଦକ୍ଷେପ ନେଇନାହାଁନ୍ତି ବୋଲି ପୂର୍ବତନ ବିଧାୟକ ଧନଞ୍ଜୟ ସିଦ୍ଧୁ ଅଭିଯୋଗ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି ବିରୁଦ୍ଧରେ ରାଜ୍ୟସରକାର ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଗରିବ ଆଦିବାସୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଶ୍ରୀ ପଣ୍ଡା ଦାବୀ କରିଛନ୍ତି ।

## ରାଜସ୍ଥାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୧ ହଜାର ପାର

ଜୟପୁର,୨୪।୮ (ନି.ପ୍ର): ରାଜସ୍ଥାନରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୧ ହଜାର ପାର କରିଛି । ସୋମବାର ସକାଳେ ୧୧ ଜିଲ୍ଲାରୁ ୫୮୫ ଆଉ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିରେ ଜୟପୁର ଓ ଯୋଧପୁରରୁ ସର୍ବାଧିକ ସଂକ୍ରମିତ ଅଛନ୍ତି । ୬ ଜଣଙ୍କର ମୃତ୍ୟୁ ମଧ ହୋଇଛି । ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୭୧ ହଜାର ୧୯୪ ହୋଇଛି । ଏବେ ସୁଦ୍ଧା ୯୬୧ ରୋଗୀଙ୍କ କରୋନାରେ ମୃତ୍ୟୁ ହୋଇଛି । ୫୫ ହଜାର ୪୪୩ ରୋଗୀ ମହାମାରୀକୁ ମାତ୍ ଦେଇ ସୁସ୍ଥ ହୋଇଛନ୍ତି । ଏବେ ୧୪ ହଜାର ୭୯୦ କରୋନା ସକ୍ରିୟ ମାମଲା ରହିଛି । ପ୍ରଦେଶରେ ସୋମବାର ଦିନ କରୋନା ସଂକ୍ରମଣ କାରଣରୁ ରାଜଧାନୀ ଜୟପୁରରେ ୩ ତଥା ଅଜମେର, ସୀକର ଓ ଉଦୟପୁରରେ ୧-୧ ରୋଗୀଙ୍କ ମୃତ୍ୟୁ ହୋଇଛି । ଯୋଧପୁରରେ ସର୍ବାଧିକ ୧୮୨, ଜୟପୁରରେ ୧୬୭ ରୋଗୀ ଚିହ୍ନଟ ହୋଇଛନ୍ତି । ଏହା ବାଦ ଭିଲୱାଡ଼ାରେ ୪୨, ଅଲବରରେ ୪୧, କୋଟାରେ ୪୦, ଚୁରୁରେ ୩୦, ବାଡ଼ମୋରରେ ୨୭, ପ୍ରତାପଗଡ଼ରେ ୨୫, ହନୁମାନଗଡ଼ରେ ୧୭, ବାଂସୱାଡ଼ାରେ ୧୧ ଓ ଜାଲୋରରେ ୩ ନୂଆ ବ୍ୟକ୍ତି ସଂକ୍ରମଣ ହୋଇଛନ୍ତି । ଚିକିତ୍ସା ବିଭାଗଙ୍କ କହିବା ଅନୁସାରେଏବେ ସୁଦ୍ଧା ଯୋଧପୁରରେ ୧୦ ହଜାର ୬୨୨, ଜୟପୁରରେ ୮୯୩୪, ଅଲବରରେ ୬୮୪୩, କୋଟା ରେ ୪୨୫୦, ବିକାନେରରେ ୩୭୯୩, ଅଜମେରରେ ୩୬୬୮, ପାଲୀରେ ୩୬୩୧, ଭରତପୁରରେ ୩୫୦୭, ସୀକର ରେ ୨୩୬୪, ନାଗୌରରେ ୨୨୦୨, ଧୋଲପୁରରେ ୨୧୪୨, ଉଦୟପୁରରେ ୨୧୩୯, ବାଡ଼ମେରରେ ୨୧୩୪ ଜଣ ସଂକ୍ରମିତ ହୋଇଛନ୍ତି । ଭିଲୱାଡ଼ାରେ ୧୭୯୦, ଜାଲୋରରେ ୧୩୨୦, ସିରୋହୀରେ ୧୧୨୯, ଝାଲାୱାଡ଼ାରେ ୧୧୨୭, ରାଜସମନ୍ଦରେ ୧୦୧୩ ରୋଗୀ ଚିହ୍ନଟ ହୋଇଛନ୍ତି । ଏହା ବାଦ ଝୁନଝୁନରେ ୯୨୧, ଡୁଙ୍ଗରପୁରରେ ୮୭୦, ଚୁରୁରେ ୮୪୭, ଚିତୌଡ଼ଗଡ଼ରେ ୭୩୩, ଶ୍ରୀଗଂଗାନଗରରେ ୫୬୧, ଟୋଂକରେ ୫୪୦, କରୌଲୀରେ ୫୩୨, ଦୌସାରେ ୪୬୮, ବୁନ୍ଦିରେ ୪୫୬, ବାଂସବାଡ଼ାରେ ୪୩୩, ବାରାଂରେ ୪୧୦, ପ୍ରତାପଗଡ଼ରେ ୩୮୧, ହନୁମାନଗଡ଼ରେ ୩୬୪, ଜୈସଲମେରରେ ୩୧୪, ଅନ୍ୟ ପ୍ରଦେଶରେ ୧୮୯ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି ।

## ପୂର୍ବତନ ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣୀଙ୍କ ସ୍ମୃତି ଦିବସ ଉପଲକ୍ଷେ ଇ-ସେମିନାର ୱିସଡମ ଫର୍ ହାପି ଫାମିଲି ଲାଇଫ

ଭୁବନେଶ୍ୱର,୨୪।୮ (ନି.ପ୍ର): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ଦାଦି ପ୍ରକାଶମଣୀଙ୍କର ତ୍ରୟୋଦଶ ସ୍ମୃତିଦିବସ ପାଳନ ଅବସରରେ ଆସନ୍ତା ୨୫ ଅଗଷ୍ଟ ୨୦୨୦ରେ ଏକ ୱିସଡମ୍ ଫର ହାପି ଫାମିଲି ଲାଇଫ ଶୀର୍ଷକ ଇ-ସେମିନାର ଆୟୋଜିତ ହେଉଛି । ଯାହାର ସିଧା ପ୍ରଶାରଣ ୨୫ ଅଗଷ୍ଟ ୨୦୨୦ ସନ୍ଧ୍ୟା ୭.୩୦ ଜ୍ଞାନ ଖଜାନା ୟୁ ଟ୍ୟୁବ ଚ୍ୟାନେଲରେ ହେବ । ଯେଉଁ କାର୍ଯ୍ୟକ୍ରମରେ ବିଶେଷ ଶୁଭ ଭାବନା ଦେବେ ପଦ୍ମଶ୍ରୀ ଡି. ଆର୍ କାର୍ତ୍ତିକେୟନ, ପୂର୍ବତନ ସିବିଆଇ ଡିରେକ୍ଟର ଯିଏ କି ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ହତ୍ୟାକାଣ୍ଡର ମୀମାଂସା କରିଥିଲେ । ଏତତ୍‌ବ୍ୟତୀତ ଜଷ୍ଟିସ ଭି. ଈଶ୍ୱରୀୟ, ପୂର୍ବତନ ନ୍ୟାୟଧିଶ, ଉଚ୍ଚ ନ୍ୟାୟାଳୟ, ଆନ୍ଧ୍ରପ୍ରଦେଶ ତାଙ୍କର ଅନୁଭବରେ ଲାଭାନ୍ୱିତ କରିବେ । ବରିଷ୍ଠ ରାଜଯୋଗୀନି କମଲେଶ ଦିଦି ଜୀ ନିର୍ଦ୍ଦେଶିକା, ବ୍ରହ୍ମାକୁମାରୀ, କଟକ ସର୍ବୋଜନ ଆଶୀର୍ବଚନ ପ୍ରଦାନ କରିବେ । କାର୍ଯ୍ୟକ୍ରମର ବିଷୟ ଉପରେ ସାରଗର୍ଭକ ଆଲୋକପାତ କରିବେ ମୁଖ୍ୟ ବକ୍ତା ବ୍ରହ୍ମକୁମାରୀ ଉଷା ଦିଦି, ବରିଷ୍ଠ ରାଜଯୋଗ ଶିକ୍ଷିକା ଏବଂ ଦୁର୍ଣ୍ଣିନ୍ତା ପ୍ରବନ୍ଧକ, ମାଉଣ୍ଟ ଆବୁ ବିଶିଷ୍ଟ ବକ୍ତା ଭାବରେ ବକ୍ତବ୍ୟ ଦେବେ ଡ. ସୁଚେତା ପ୍ରିୟବାଦିନୀ, ଡିରେକ୍ଟର, ଷ୍ଟୁଡେଂଟ କାଉନସେଲିଂ, କିଟ୍, ଭୁବନେଶ୍ୱର । ଏଥିସହିତ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ ଆୟୋଜନ କରାଯାଉଛି । ଏଥିରେ ଭାଗନେଇ ଲାଭାନ୍ୱିତ ହେବା ପାଇଁ ସମସ୍ତ ଓଡ଼ିଶାବାସୀଙ୍କୁ ଆହ୍ୱାନ କରୁଛନ୍ତି ବ୍ରହ୍ମାକୁମାରୀ ଦୁର୍ଗେଶ ନନ୍ଦିନୀ ।

## ଉତ୍କଳ ସମ୍ମିଳନୀର ପ୍ରଥମ ୱେବିନାର ବୈଠକ

ଭୁବନେଶ୍ୱର,୨୪।୮ (ନି.ପ୍ର): ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶିଖାର କାର୍ଯ୍ୟନିର୍ବାହୀ ସମିତି ବୈଠକ ପ୍ରଥମଥର ପାଇଁ ୱେବିନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଅଧ୍ୟକ୍ଷତା କରି 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହିତ ନିକଟରେ ଓଡ଼ିଆ ଧାବିକା ଦୂତୀ ଚାନ୍ଦଙ୍କ ନାମ ଅର୍ଜୁନ ପୁରସ୍କାର ମିଳିବା ପାଇଁ ଚୟନ କରାଯାଇଥିବାରୁ ସମ୍ମିଳନୀ ପକ୍ଷରୁ ଅଭିନନ୍ଦନ ଦେବାପାଇଁ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ବୈଠକରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ୨୦୧୯-୨୦ର ଆର୍ଥିକ ବିବରଣୀ ପାଠ କରିଥିଲେ ।

## ଓଡ଼ିଶାର ଦୁର୍ଗମ ଅଂଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଦୂରଦୃଷ୍ଟିକୁ ପୂରଣ କରୁଛି ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଶିକ୍ଷା କ୍ଷେତ୍ରରେ ଉଡାନ୍, ପ୍ରଗତି, ଆଇସିଟି ଆଧାରରେ ଶିକ୍ଷା ଏବଂ ଅନଲାଇନ ଶିକ୍ଷା ପ୍ରଦାନ କରିବା ପାଇଁ ସ୍ୱୟମ୍ ଭଳି ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସାରା ଦେଶ ତଥା ଓଡ଼ିଶାର ଦୁର୍ଗମ ଅଂଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାର ଦୂରଦୃଷ୍ଟିକୁ ପୂରଣ କରୁଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶିକ୍ଷା କ୍ଷେତ୍ରରେ ମୋଦି ସରକାରଙ୍କ ପଦକ୍ଷେପ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିକ୍ଷା କ୍ଷେତ୍ରରେ ବିକାଶକୁ ଗୁରୁତ୍ୱ ଦେଇ ଆସୁଛନ୍ତି । ଓଡ଼ିଶାରେ ବୌଦ୍ଧିକ ପୁଞ୍ଜିକୁ ଅଧିକ ସୁଦୃଢ଼ କରିବା ପାଇଁ ଏଠାରେ ଆଇଆଇଟି, ଆଇଆଇଏମ୍, ଆଇଜର, ସିପେଟ୍ ଏବଂ ଏନଏସଟିଆଇ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା(ପିଏମକେଭିୱାଇ)ରେ ଓଡ଼ିଶାର ୨.୭ ଲକ୍ଷରୁ ଅଧିକ ଯୁବକଯୁବତୀ ନାମ ପଞ୍ଜିକରଣ କରିବା ଭାରତ ସରକାରଙ୍କ ଓଡ଼ିଶା ତଥା ଭାରତକୁ ଦକ୍ଷ ମାନବ ସମ୍ବଳର ପେଣ୍ଠସ୍ଥଳି କରିବା ପାଇଁ ଥିବା ଅଦମ୍ୟ ପ୍ରଚେଷ୍ଟାକୁ ପ୍ରତିଫଳିତ କରୁଛି । ସମାଜର ଆର୍ଥିକ ▶▶ପୃଷ୍ଠା ୭

## ଦିନକରେ ୮୮ କରୋନା ପଜିଟିଭ୍ ଚିହ୍ନଟ

### ବାଲେଶ୍ୱର ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା ୨୯୪୮କୁ ବୃଦ୍ଧି

ବାଲେଶ୍ୱର,୨୪।୮ (ନି.ପ୍ର): ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୧ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୫୭ ହଜାର ଟପିଛି । ଅନୁରୂପ ଭାବେ ଓଡ଼ିଶାରେ ଅଦ୍ୟାବଧି ସଂକ୍ରମିତଙ୍କ ସଂଖ୍ୟା ୮୧ହଜାର ଅତିକ୍ରମ କରିଥିବା ବେଳେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୪୧୯ରେ ପହଞ୍ଚିଛି । ତେବେ ବାଲେଶ୍ୱରରେ ଗତ ଏକ ସପ୍ତାହ ଧରି ଦୈନିକ ଦେଢ଼ଶହ ଉପରେ କରୋନା ପଜିଟିଭ୍ ଚିହ୍ନଟ ହେଉଥିବା ବେଳେ ଆଜି ୮୮ ଜଣ ସଂକ୍ରମିତ ଚିହ୍ନଟ ଜିଲ୍ଲାବାସୀଙ୍କ ସମେତ ପ୍ରଶାସନ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି । ଅଦ୍ୟାବଧି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୨୯୪୮ରେ ପହଞ୍ଚିଛି । ତନ୍ମଧ୍ୟରୁ ୧୭୮୭ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୧୪୮ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ଅନ୍ୟପକ୍ଷରେ ଅଦ୍ୟାବଧି ଜିଲ୍ଲାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ୮ରେ ସ୍ଥିର ରହିଛି । ତେବେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲ୍ଲାରେ ଚିହ୍ନଟ ହୋଇଥିବା ୮୮ଜଣ ପଜିଟିଭ୍‌ଙ୍କ ମଧ୍ୟରୁ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡ଼ିଛି । ନୂଆଭାବେ ଚିହ୍ନଟ ହୋଇଥିବା ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ସ୍ଥାନୀୟ ସଂକ୍ରମଣ ବଢ଼ିଚାଲିଥିବା ବେଳେ ଏଭଳି ସ୍ଥିତିରେ ଜନସାଧାରଣ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ସହ କୋଭିଡ୍ ନିୟମ ପାଳନ ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

## ପ୍ରଶାସନର ଉଦାସୀନତାରୁ ଏବେବି ବେଆଇନ୍ ବେଧଡ଼କ ବାଲି ଚାଲାଣ

ଜଳେଶ୍ୱର,୨୪।୮(ନିପ୍ର) : ଏବେ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିଥିବା ବେଳେ ପୂର୍ବରୁ ବାଲି ବ୍ୟବସାୟୀମାନେ ଠୁଳ କରି ରଖିଥିବା ପାହାଡପରି ବାଲିସ୍ତୁପରୁ ବେଆଇନ୍‌ଭାବେ ଅଧିକ ମୂଲ୍ୟରେ ବାଲି ବିକ୍ରି କରିଚାଲିଛନ୍ତି । ରାଇବଣିଆ ଥାନା ଅଂଚଳରେ ଏବେ ଏପରି ବ୍ୟବସାୟ ବହୁଳ ପରିମାଣରେ ହେଉଛି । ଶ୍ରାବଣମାସ ଶେଷ ପର୍ଯ୍ୟନ୍ତ ଏପରିକି ୩/୪ଦିନ ପୂର୍ବ ଯାଏ ବର୍ଷା ହୋଇନଥିବାରୁ ସେ ଅଂଚଳର କେତେକ ନିଲାମ ଦିଆଯାଇନଥିବା ବାଲି ଖାଦାନରୁ ବାଲି ଉତ୍ତୋଳନ ହୋଇ ଆସୁଥିଲା । ଏ ସବୁ ବାଲି ପଶ୍ଚିମବଂଗର ନୟାଗ୍ରାମ ଓ ଗୋପିବଲ୍ଲଭପୁର ଥାନା ଅଂଚଳକୁ ଯାଉଥିବା ବେଳେ ଆଉ କେତେକ ରାଇବଣିଆ ଅଂଚଳକୁ ନିଆଯାଇ ଆସୁଛି । କେତେକ ବାଲି ଟ୍ରାକ୍ଟର ରାଇବଣିଆ ଥାନା ସମ୍ମୁଖ ଦେଇ ଗଲାବେଳେ ସେଥିପ୍ରତି ମଧ୍ୟ ପୁଲିସ୍‌ର ନିଷ୍କ୍ରିୟତା ଯୋଗୁଁ ବାଲି ବ୍ୟବସାୟୀମାନେ ଅବାଧରେ କାରବାର କରୁଛନ୍ତି । କେତେକ ବ୍ୟକ୍ତି ପ୍ରଶାସନକୁ ହାତବାରିସୀ କରି ଏପରି କାରବାର ଚଳାଇ ଆସୁଛନ୍ତି । ସେହିପରି ଜଳେଶ୍ୱର ଅଂଚଳର ବହୁ ସ୍ଥାନରେ ଏବେବି ବାଲି ସ୍ତୁପ ଦେଖିବାକୁ ମିଳୁଛି । ପୂର୍ବରୁ ବାଲି ଟ୍ରାକ୍ଟର ମୂଲ୍ୟରେ ୧୬ଶହ ଟଙ୍କାରେ ବିକ୍ରି ହେଉଥିବା ବେଳେ ତାହା ଏବେ ୩ହଜାର ଟଙ୍କାରେ ପହଞ୍ଚିଛି। ବାଲି ବ୍ୟବସାୟୀମାନେ ଏପରି ବାଲି ବିକ୍ରିକରି ମାଲେମାଲ ହେଉଥିବା ବେଳେ ସ୍ଥାନୀୟ ଓ ଜିଲା ପ୍ରଶାସନ ମାଲେମାଲ ହେଉଛନ୍ତି । ଏଥିପ୍ରତି ଦୃଷ୍ଟି ଦେବାକୁ ରାଜ୍ୟସରକାର, ଭିଜିଲାନ୍ସ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି ।

## ଗୋଟିଏ ଦିନରେ ୨୫୧୯ଜଣ କରୋନା ଆକ୍ରାନ୍ତ ସୁସ୍ଥ

ଭୁବନେଶ୍ୱର,୨୪।୮ (ନି.ପ୍ର): ରାଜ୍ୟ ୨୮ ଜିଲ୍ଲାରୁ ସୋମବାର ରେକର୍ଡ ସଂଖ୍ୟକ ୨୫୧୯ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏହା ଫଳରେ ରାଜ୍ୟରେ ମୋଟ୍ ସୁସ୍ଥ ସଂଖ୍ୟା ୫୬,୯୨୪ରେ ପହଂଚିଛି ।। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ କରି ଏହି ସୂଚନା ଦେଇଛି ।

ଆଜି ଖୋର୍ଦ୍ଧାରୁ ସର୍ବାଧିକ ୪୨୮ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ବାଲେଶ୍ୱରର ଜିଲ୍ଲାରୁ ୨୭୬ଜଣ, ଗଞ୍ଜାମ ଜିଲ୍ଲାରୁ ୨୩୭ଜଣ, କଟକ ଜିଲ୍ଲାରୁ ୧୫୨ଜଣ, ରାୟଗଡ଼ା ଜିଲ୍ଲାରୁ ୧୪୪ଜଣ, ଭଦ୍ରକ ଜିଲ୍ଲାରୁ ୧୪୦ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୩୮ଜଣ ଆକ୍ରାନ୍ତ ରହିଛନ୍ତି । ସେହିପରି କୋରାପୁଟ ଜିଲ୍ଲାରୁ ୯୮ଜଣ, ପୁରୀ ଜିଲ୍ଲାରୁ ୯୭ଜଣ, ନୟାଗଡ଼ ଜିଲ୍ଲାରୁ ୯୬ଜଣ, ବଲାଙ୍ଗୀର ଜିଲ୍ଲାରୁ ୮୫ଜଣ,ଢେଙ୍କାନାଳ ଜିଲ୍ଲାରୁ ୬୧ଜଣ, କନ୍ଧମାଳ ଜିଲ୍ଲାରୁ ୬୦ଜଣ, ସମ୍ବଲପୁର ଜିଲ୍ଲାରୁ ୫୯ଜଣ, ଯାଜପୁର ଜିଲ୍ଲାରୁ ୫୮ଜଣ, ମୟୁରଭଞ୍ଜ ଜିଲ୍ଲାରୁ ୫୪ଜଣ, ବରଗଡ଼ ଜିଲ୍ଲାରୁ ୫୩ଜଣ, ଜଗତସିଂହପୁର ଜିଲ୍ଲାରୁ ୫୩ଜଣ, ମାଲକାନଗିରି ଜିଲ୍ଲାରୁ ୫୨ଜଣ, ଯାଜପୁର ଜିଲ୍ଲାରୁ ୪୨ଜଣ, ନବରଙ୍ଗପୁର ଜିଲ୍ଲାରୁ ୩୧ଜଣ, କନ୍ଧମାଳ ଜିଲ୍ଲାରୁ ୨୩ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨୨ଜଣ, ଦେବଗଡ଼ ଜିଲ୍ଲାରୁ ୧୯ଜଣ, କେନ୍ଦୁଝର ଜିଲ୍ଲାରୁ ୧୯ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧୮ଜଣ, ଅନୁଗୁଳ ଜିଲ୍ଲାରୁ ୩ଜଣ ଓ ବୌଦ୍ଧରୁ ଜଣେ ଲେଖାଏଁ କରୋନା ଆକ୍ରାନ୍ତ ଆଜି ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ଭାଙ୍ଗିଲା ପୌରପାଳିକା ମାର୍କେଟ କମ୍ପ୍ଲେକ୍ସର ୧୧ ଦୋକାନ ଗୃହ




ବାଲେଶ୍ୱର,୨୪।୮ (ନି.ପ୍ର): ବାଲେଶ୍ୱର ସହର ଇନ୍ଦିରାଗାନ୍ଧୀ ମାର୍ଗ ସେଣ୍ଟ୍ରାଲ ସ୍କୁଲ ଛକସ୍ଥିତ ମ୍ୟୁନିସପାଲଟି ମାର୍କେଟ କମ୍ପ୍ଲେକ୍ସର ୧୧ରୁ ଊର୍ଦ୍ଧ୍ୱ ଦୋକାନ ଗୃହର କାନ୍ଥ ପଡ଼ିଯିବାକୁ ନେଇ ଦୋକାନୀମାନେ ଆତଙ୍କିତ ହୋଇପଡ଼ିଛନ୍ତି । ଏଠାରେ ଥିବା ୪ ଗୋଟି ବ୍ଲକ ମଧ୍ୟରୁ ୧ ନଂ ବ୍ଲକର ୭ନଂରୁ ୧୭ ମଧ୍ୟରେ ୧୧ ଗୋଟି ଦୋକାନ ଗୃହର ପଛପାର୍ଶ୍ୱ କାନ୍ଥ ଗଡ଼ି ପଡ଼ିଥିବା ଦେଖିବାକୁ ମିଳିଛି । ଛାତ ଗଳି ପଡ଼ିବା ଭୟରେ ଦୋକାନୀମାନେ ନିଜ ନିଜର ଜିନିଷପତ୍ର ବାହାର କରିଆଣୁଥିବା ଲକ୍ଷ୍ୟ କରାଯାଇଛି । ତେବେ ମାର୍କେଟ କମ୍ପ୍ଲେକ୍ସର ପଛପାର୍ଶ୍ୱ ଭୂତଳ ମାଟି ଦବି ଯିବା ଫଳରେ କାନ୍ଥ ଗଡ଼ି ପଡ଼ିଥିବା ଦୋକାନୀମାନେ କହିଛନ୍ତି । ତତ୍କାଳୀନ ପୌର ଠିକାଦାର ରାସ୍ତାପାର୍ଶ୍ୱରେ ଥିବା ନାଳକୁ ପୋତି ସଙ୍ଗେ ସଙ୍ଗେ ଦୋକାନ ଗୃହ ନିର୍ମାଣ କରିବା ଯୋଗୁଁ ଆଜି ଏଭଳି ଅବସ୍ଥା ଉପୁଜିଥିବା ସେମାନେ ପ୍ରକାଶ କରିଛନ୍ତି । ତେବେ ଦୀର୍ଘଦିନ ପୂର୍ବରୁ ମାଟି ଦବିବା ଆରମ୍ଭ ସହ ଦୋକାନ ଘରଗୁଡ଼ିକରେ ଫାଟ ସୃଷ୍ଟି ହୋଇଥିବା ଦେଖିବା ପରେ ସେମାନେ ତତ୍କାଳୀନ ପୌରପାଳିକା ନିର୍ବାହୀଙ୍କୁ ଜଣାଇଥିଲେ । ମାତ୍ର ସେ କିଛି ନ ବୁଝିବାରୁ ସେତେବେଳର ପୌରପାଳ ଅନୁପ ଦାସଙ୍କୁ ଆପତ୍ତି ଜଣାଇଥିଲେ । ଖୁବଶୀଘ୍ର ମରାମତି କାର୍ଯ୍ୟ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ ବି ପରବର୍ତ୍ତୀ ସମୟରେ କିଛି ବି ପଦକ୍ଷେପ ନିଆଯାଇ ନଥିଲା । ୧୯୯୯ ମସିହାରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ଏଠାରେ ୪ ଗୋଟି ବ୍ଲକରେ ମୋଟ ୮୦ ଗୋଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା । ଏବେ ଗୋଟିଏ ବ୍ଲକର ୧୧ ଗୋଟି ଦୋକାନ ନଷ୍ଟ ହୋଇଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ କ୍ଷତି ହେବା ନେଇ ଦୋକାନୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । କରୋନା ପାଇଁ ବ୍ୟବସାୟ ସମ୍ପୂର୍ଣ୍ଣ ମାନ୍ଦା ଚାଲିଥିବା ବେଳେ ପ୍ରତି ସପ୍ତାହର ସଟ ଡାଉନ୍ ଯୋଗୁଁ ସେମାନେ ବହୁ କ୍ଷତି ସହି ଚାଲିଛନ୍ତି । ଏହା ପରେ ଏହି ଦୋକାନ କାନ୍ଥ ଗଡ଼ିପଡ଼ିବା ଯୋଗୁଁ ସେମାନଙ୍କର ଜୀବିକା ପ୍ରତି ବିପଦ ଦେଖାଦେଇଥିବା ବେଳେ ପରିବାର ପ୍ରତିପୋଷଣ କେମିତି ହେବ ତାହାକୁ ନେଇ ଦୋକାନୀମାନେ ଚିନ୍ତା ପ୍ରକଟ କରିଛନ୍ତି । ଏନେଇ ସେମାନେ ପୌର କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବି ପୌରପାଳିକା ପକ୍ଷରୁ କେହି ଜଣେ ହେଲେ ଏଠାକୁ ତଦନ୍ତ ପାଇଁ ଆସିନଥିବା ଦୋକାନୀମାନେ କହିଛନ୍ତି । ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଜଣାଇବେ ବୋଲି ସେମାନେ ସୂଚନା ଦେଇଛନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୬୧,୪୦୮ ନୂଆ ମାମଲା: ୮୩୬ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୨୪।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୬୧,୪୦୮ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୮୩୬ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୧,୦୬,୩୪୯ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ମୋଟ ୨୩,୩୮,୦୪୬ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୫୭୫୪୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ରାଇବଣିଆର ସବୁ ବ୍ୟାଙ୍କରେ କର୍ମଚାରୀ ମରୁଡ଼ି

ଜଳେଶ୍ୱର,୨୪।୮(ନିପ୍ର) : ରାଇବଣିଆ ଏକ ଆଦିବାସୀ ବହୁଳ ଥାନା ଅଟେ । ଏ ଅଂଚଳରେ ମାତ୍ର ୩ଟି ଥିଲାବେଳେ ଲୋକେ ସେବାପାଇଁ ଡହଳ ବିକଳ ହୋଇ ଆସୁଛନ୍ତି । ଓଲମରାଠାରେ ଗ୍ରାମ୍ୟବ୍ୟାଙ୍କର ଏକ ଶାଖା ରହିଛି । ଏହି ବ୍ୟାଙ୍କ ଉପରେ ସ୍ଥାନୀୟ ୪ଟି ପଂଚାୟତ ନିର୍ଭରଶୀଳ । ଏଠାରେ ମ୍ୟାନେଜରଙ୍କ ସହିତ ଅନ୍ୟଜଣେ କିରାଣୀ କାର୍ଯ୍ୟ କରୁଥିବା ବେଳେ ପ୍ରାୟ ପ୍ରତିଦିନ ୨୫ କୋଟିଟଙ୍କା କାରବାର ହେଉଥିବା ଜଣାଯାଇଛି । ପଂଚାୟତ, ସ୍ଥାନୀୟ ସ୍କୁଲ, ଥାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଅଂଗନୱାଡି କର୍ମୀର କର୍ମକର୍ତ୍ତାମାନେ ଏହି ବ୍ୟାଙ୍କ ଉପରେ ନିର୍ଭର କରୁଥିବାରୁ ସେମାନଙ୍କୁ ଠିକ୍‌ଭାବେ ସେବାପାଇପାରୁନାହାନ୍ତି । ତେଣୁ ଏଠାକୁ ଅଧିକ କର୍ମଚାରୀ ପଠାଇବାକୁ ଓଲଏମରା ସରପଂଚ ଯତିନ୍ଦ୍ରନାଥ ମହାନ୍ତି ବିଧାୟକ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## କେସିପୁର ପଂଚାୟତ ପ୍ରଧାନମନ୍ତ୍ରୀ ଆବାସରେ ମହାଦୁର୍ନୀତି ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଲେ ପୂର୍ବତନ ବିଧାୟକ






ନୀଳଗିରି ,୨୪।୮ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକମାନଙ୍କ ପାଇଁ ଯୋଜନା ପରେ ଯୋଜନା କରୁଛନ୍ତି । ଘର ନଥିବା ଗରିବ ଲୋକମାନଙ୍କୁ ଘର ଯୋଗାଇ ଦେବାକୁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବସ ଓ ବିଜୁ ପକ୍କାଘର ଯୋଜନା କରି ଘର ଯୋଗାଇ ଦେଉଛନ୍ତି । ଉକ୍ତ ଯୋଜନାରେ ଆସୁଥିବା ଅର୍ଥକୁ ସରକାରୀ ବାବୁ, ଓ ଦଲାଲଙ୍କ ମଧୁ ଚନ୍ଦ୍ରିକାରେ କିପରି ହରିଲୁଟ ହେଉଛି । ସେ ନେଇ ଅପରାହ୍ନରେ ନୀଳଗିରି ର ପୂର୍ବତନ ବିଧାୟକ ଚିତରଂଜନ ଷଡଙ୍ଗୀ ତାଙ୍କ ବାସଭବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ କରି ଗୁରୁତର ଅଭିଯୋଗ ଆଣିବା ସହିତ ଏହାର ନିରପେକ୍ଷ ତଦନ୍ତ ଲାଗି ମୁଖ୍ୟ ମନ୍ତ୍ରୀ, ପଂଚାୟତରାଜ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସୁଚନା ଥାଉକି ନୀଳଗିରି ବ୍ଲକ ଅଧିନସ୍ଥ କେସିପୁର ପଂଚାୟତର ଶତକଡା ୯୪ଭାଗ ଆଦିବାସୀ ଲୋକ ବସବାସ କରନ୍ତି । ଉକ୍ତ ପଚଂାୟତଟି କୁଲଡିହା ପାଦଦେଶ ସହିତ ମୟୁରଭ ଜିଲ୍ଲା କପ୍ତିପଦା ସୀମାନ୍ତ ଅଚଂଳକୁ ଲାଗି ରହିଛି । ଉକ୍ତ ପଂଚାୟତକୁ ୨୦୧୯-୨୦ ଆଥିକ ବର୍ଷରେ ୧୬୦ ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅର୍ଥ ମଂଜୁର କରାଯାଇଥିଲା । ଉକ୍ତ ପଂଚାୟତରେ ୧୬୦ ଟି ଘର ର ସମ୍ପୂର୍ଣ୍ଣ ବିଲ ଉଠାଯାଇଥିବା ବେଳେ ସେଥିରୁ ୧୩୦ ଟି ଘର ସମ୍ପୂର୍ଣ୍ଣ ହୋଇନଥିବା ଶ୍ରୀ ଷଡଙ୍ଗୀ ଅଭିଯୋଗ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ୧୬୦ ଟି ଘରର ବୋନସ ଟଙ୍କା ୨୦ ହଜାର ଟଙ୍କା କରି ୨୬ ଲକ୍ଷ ଟଙ୍କା ଉଠାଣ ହୋଇଥିବା ବେଳେ ସେଥିରୁ ୧୩୦ ଟି ର କାର୍ଯ୍ୟ ସମ୍ପର୍ଣ୍ଣ ନହେବା ସରକାରୀ ବାବୁମାନଙ୍କର ପାରିବା ପଣିଆ ଏବଂ ଦୁର୍ନିତୀକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ସରକାରୀ ନିୟମ ଅନୁଯାୟୀ ନିର୍ଦ୍ଧାରିତ ୪ ମାସ ଭିତରେ ଘରର ସମ୍ପୂର୍ଣ୍ଣ କାର୍ଯ୍ୟ ହୋଇଥିଲେ ବୋନସ ଆକାରରେ ହିତାଧିକାରୀ ମାନଙ୍କୁ ୨୦ ହଜାର ଟଙ୍କା ବୋନସ ଦିଆଯିବାର ନିୟମ ରହିଛି । କିନ୍ତୁ ଉକ୍ତ ପଂଚାୟତର ନିର୍ବାହୀ ଅଧିକାରୀ, ଜିଆରଏସ, କନିଷ୍ଠ ଯନ୍ତ୍ରୀ, ସରପଂଚ, ବ୍ଲକ ସହକାରୀ ଯନ୍ତ୍ରୀ, ବିଡିଓ ଓ ଦଲାଲଙ୍କ ମଧୁ ଚନ୍ଦ୍ରିକାରେ ଉକ୍ତ ବୋନସ ବାବଦରେ ୨୬ ଲକ୍ଷ ଟଙ୍କା ଏବଂ ଅଧା ଘର ବାବଦକୁ ୭୦ ଲକ୍ଷ ଟଙ୍କା ମିଶାଇ ପ୍ରାୟ ଏକ କୋଟି ଟଙ୍କା ହଡପ କରାଯାଇଛି ବୋଲି ଶ୍ରୀ ଷଡଙ୍ଗୀ ଅଭିଯୋଗ କରିବା ସହିତ ଦଲାଲ ମାନେ ନିରିହ ଆଦିବାସୀ ମାନଙ୍କର ପାସବୁକ ଏବଂ ଏଟିଏମ କାର୍ଡ ନେଇ ଯାଇଛନ୍ତି । ଟଙ୍କା କେବେ ଉଠିଲା ? କିଏ ଉଠାଇଲା ?କେତେ ବିଲ ହୋଇଛି ? ସେନେଇ ହିତାଧିକାରୀ ମାନଙ୍କ ପାଖରେ ସୁଚନା ନାହିଁ । ଏପରିକି ବେତକଟା ଗ୍ରାମର ଦିଲ୍ଲୀପ ନାୟକ, କବିତା ରାଉତ ଙ୍କୁ ପଚାରିବାରୁ ସେମାନେ ତାଙ୍କ ବ୍ୟାଙ୍କ ଏକାଂଉଟରୁ ଟଙ୍କା ଉଠାଣ ନେଇ କିଛି ଜାଣି ନଥିବା କହିଛନ୍ତି । ଉକ୍ତ ପଚଂାୟତରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କୋଟି କୋଟି ଟଙ୍କାର ▶▶ପୃଷ୍ଠା ୭

## ଭୁବନେଶ୍ୱରରୁ ପୁଣି ୨୬୭ ପଜିଟିଭ୍

ଭୁବନେଶ୍ୱର,୨୪।୮ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ସୋମବାର ଦିନ ଆଉ ୨୬୭ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ ଟୁଇଟ କରି ଏହି ସୂଚନା ଦେଇଛି । ଚିହ୍ନଟ ହୋଇଥିବା ୨୬୭ଜଣ ଆକ୍ରାନ୍ତଙ୍କ ମଧ୍ୟରୁ କ୍ୱାରେଂଟାଇନ୍ କେନ୍ଦ୍ରରୁ ୧୫୩ଜଣ ଓ ସ୍ଥାନୀୟ ଅଂଚଳରୁ ୧୧୪ଜଣ ରହିଛନ୍ତି । ସେହିପରି ଗୋଟିଏ ଦିନରେ ଆଉ ୧୭୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ନୂଆ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରେ ମୋଟେ ଆକ୍ରାନ୍ତଙ୍କ ସଂଖ୍ୟା ୭୫୯୯କୁ ବୃଦ୍ଧି ପାଇଥିବା ବେଳେ ମୋଟ ୪୫୬୩ ସୁସ୍ଥ ହୋଇଛନ୍ତି । ବର୍ତମାନ ଆହୁରି ୨୯୯୪ଟି ସକ୍ରିୟ ମାମଲା ରହିଛି ।

ସୋମବାର ଚିହ୍ନଟ କ୍ୱାରେଂଟାଇନ୍ ମାମଲା ମଧ୍ୟରେ ଜାଗମରା ଆଇଟିଇଆର କ୍ୟାମ୍ପସ୍ ରୁ ୧୦ ଜଣ ରହିଛନ୍ତି । ସେହିପରି ସତ୍ୟବିହାର, ଶୈଳଶ୍ରୀବିହାର , ବିଏମସି ନିକଟ ଗୌତମ ନଗର, ଆଇଆରସି ଭିଲେଜ, ଝାରପଡା ମହାବୀର ନଗରରୁ ୪ ଜଣ ଲେଖାଏଁ ରହିଥିବା ବେଳେ ସୁବାସ ନଗର ବସ୍ତି, କୋଳଥିଆ, କିମସ୍, ଘରୋଇ ହସ୍ପିଟାଲ, ଜୟଦେବ ବିହାର, ଓଲ୍ଡ ଟାଉନ୍ , ରସୁଲଗଡ ଶବରସାହି, ସାମନ୍ତରାପୁରରୁ ୩ ଜଣ ଲେଖାଏଁ ଅଛନ୍ତି । ସେହିପରି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଝାରପଡାରୁ ୮ ଜଣ, ସିଆରପିଏଫ୍ କ୍ୟାମ୍ପସ୍ ରୁ ୫ , ଖଣ୍ଡଗିରିରୁ ୪, ନିଳାଦ୍ରୀବିହାର , ବରମୁଣ୍ଡା ଜଗନ୍ନାଥନଗର ,ଲକ୍ଷ୍ମୀସାଗର, ଶ୍ରୀବିହାରଓ ରିକ୍ସା କଲୋନୀରୁ ୩ ଆକ୍ରାନ୍ତ ରହିଛନ୍ତି । ଅନ୍ୟପକ୍ଷରେ ନୟାପଲ୍ଲୀରୁ ସର୍ବାଧିକ ୧୪ ଜଣ, ସାମନ୍ତରାପୁରରୁ ୧୦, ବିଡିଏ କଲୋନୀରୁ ୮, ନିଳାଦ୍ରିବିହାର ସେକ୍ଟର ୧ ଓ ୨ରୁ ୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।

## ତାମିଲନାଡୁରେ ଗତ ୨୪ ଘଂଟାରେ ୫୯୬୭ କରୋନାର ନୂଆ ମାମଲା

ଚେନ୍ନାଇ ,୨୪।୮ (ନି.ପ୍ର): ତାମିଲନାଡୁରେ ଗତ ୨୪ ଘଂଟାରେ ୫୯୬୭ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୯୭ ଜଣଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି ।ବଢ଼ି ୬୬୧୪ ହୋଇଛି ।

## ଅନୈତିକ ପ୍ରେମୀଙ୍କୁ ଛେଚିଲେ ଗ୍ରାମବାସୀ : ଚାଲିଛି କଂଗାରୁ କୋର୍ଟ

ଜଳେଶ୍ୱର,୨୪।୮(ନିପ୍ର) : ରାଇବଣିଆ ଥାନା ଅନ୍ତର୍ଗତ ବରଡିହା ପଂଚାୟତର କୁସୁମସାହି ଗ୍ରାମରେ ଗ୍ରାମର ମହିଳା ଗ୍ରୁପଙ୍କ ଚଢାଉ ଫଳରେ ଧରାପଡିଛି ଏକ ଅନୈତିକ ସମ୍ପର୍କ । ଗାଁର ଜନୈକ ବ୍ୟକ୍ତି ଦୂରରାଜ୍ୟରେ ଥିବା ବେଳେ ତାଙ୍କ ପତ୍ନୀ ଓ ୨ ପିଲା ଗାଁରେ ରହୁଥିଲେ । ସେହି ଗାଁର ବାବୁ ବିନ୍ଧାଣୀ ଉକ୍ତ ମହିଳାଙ୍କୁ ପରକୀୟ ପ୍ରିତିରେ ବାନ୍ଧି ନେଇଥିଲେ । ଗତ ରବିବାର ରାତିରେ ବାବୁ ବିନ୍ଧାଣୀ ଉକ୍ତ ମହିଳାଙ୍କ ଘରେ ଥିବା ବେଳେ ଗାଁର ଏସ୍‌ଏଚ୍‌ଜି ଗ୍ରୁପ ଚଢାଉ କରି ଧରିଥିଲେ । ପରେ ଅଙ୍ଗନୱାଡି ଗୃହ ମଧ୍ୟରେ ଉଭୟଙ୍କୁ ରଖି ତାଲା ପକାଇଥିବା ବେଳେ ଖବର ଲେଖା ହେବାପର୍ଯ୍ୟନ୍ତ ସେଠାରେ କଂଗାରୁ କୋର୍ଟ ଚାଲିଛି । ପ୍ରଶାସନ ସେଠାରେ ପହଞ୍ଚିନଥିବା ଜଣାଯାଇଛି ।

## ଅଣ ସଂଗଠିତ ଶ୍ରମିକଙ୍କ ଜୀବିକା ସୁରକ୍ଷାର ଚିନ୍ତା !

### ପେନସନ ଦାବିରେ‘ଏଆଇୟୁଡବ୍ଲ୍ୟୁସି’ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି

ବାଲେଶ୍ୱର,୨୪।୮ (ନି.ପ୍ର): ମହାମାରୀ କରୋନା ପ୍ରଭାବରେ ଦୀର୍ଘ ୫ ମାସଧରି ଦୟନୀୟ ସ୍ଥିତିରେ ରହୁଥିବା ଦେଶର ଅଣସଂଗଠିତ ଶ୍ରମିକଙ୍କ ଜୀବିକା ସୁରକ୍ଷାର ଦାବି ଉଠାଇଛି ଅଖିଳ ଭାରତ ଅଣସଂଗଠିତ ଶ୍ରମିକ କଂଗ୍ରେସ(ଏଆଇୟୁଡବ୍ଲ୍ୟୁସି) । ରାଷ୍ଟ୍ରୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଳ ଗାନ୍ଧୀଙ୍କ ପରାମର୍ଶ ତଥା ଏଆଇୟୁଡବ୍ଲ୍ୟୁସି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅରବିନ୍ଦ ସିଂଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ଗତ ୧୫ ତାରିଖରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଚିଠି ପ୍ରେରଣ କାର୍ଯ୍ୟକ୍ରମ ଜାରି ରହିଛି । ଅନୁରୂପ ଭାବେ ସଂଗଠନର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲା ସଭାପତି ବିକାଶ କୁମାର ଦାସଙ୍କ ନେତୃତ୍ୱରେ ଅଣସଂଗଠିତ ଶ୍ରମିକମାନେ ଜୀବିକା ସୁରକ୍ଷା ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡାକ ଯୋଗେ ପୋଷ୍ଟକାର୍ଡ଼ରେ ଚିଠି ଦେଇଛନ୍ତି । ଜିଲ୍ଲା ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ ବହୁ ସଦସ୍ୟ ଜିଲ୍ଲା ମୁଖ୍ୟ ଡାକଘରେ ପହଞ୍ଚି ଡାକବାକ୍ସରେ ଚିଠି ପକାଇଥିଲେ । ବିଶେଷ କରି ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମିକଙ୍କୁ ଚିହ୍ନଟ ସହ ସମସ୍ତଙ୍କର ପଞ୍ଜୀକରଣ କରିବା, ସମସ୍ତଙ୍କ ବ୍ୟାଙ୍କ ଜମାଖାତାକୁ ମାସିକ ୭ ହାର ୫ଶହ ଟଙ୍କାର ପେନସନ ରାଶି ପଇଠ କରିବା ଆଦି ଦାବି ସମ୍ବଳିତ ଚିଠି ସଂଗଠନ ପକ୍ଷରୁ ଆଜି ପଠାଯାଇଛି । ଜୀବନ କୃଷ୍ଣ ବାରିକ, ପ୍ରଫୁଲ୍ଲ ରାଉଳ, ତପନ କୁମାର ଜେନା, ମନୋଜ କୁମାର ଦାସ, ପ୍ରକାଶ ମଲ୍ଲି, ସାଗର ଦଳେଇଲ ସୁଧାକର ରାଉତ, ପଶୁପତିଉପାଦ୍ୟାୟ, କମଳାକାନ୍ତ ନାୟକ, ରବୀନ୍ଦ୍ର ଘଡ଼େଇ, ବିଶ୍ୱଜିତ୍ ଦେ ପ୍ରମୁଖ ଏଆଇୟୁଡବ୍ଲ୍ୟୁସି ଜିଲ୍ଲା କମିଟି କାର୍ଯ୍ୟକର୍ତ୍ତା ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo